






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖି କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ଅଗଷ୍ଟ ୯**

# ବିକାଶ ପଥେ ଭାରତ

**ସୌମେନ୍ଦ୍ର ଜେନା**

ବିଗତ ଦିନମାନଙ୍କରେ ଭାରତର ବିକାଶ ହାର ଭଲ ରହିଆସିଛି, କେବଳ କୋରୋନା ସମୟ ଛଡା । ଗତ ଦଶନ୍ଧିର ହିସାବକୁ ଦୃଷ୍ଟିପାତ କଲେ ଏହା ସ୍ପଷ୍ଟ ଜାଣିହେବ । ଯେମିତି ଏହି ବିକାଶ ହାର ପ୍ରତିଶତରେ ୨୦୧୪-୧୫ରେ ୮.୦, ୨୦୧୫-୧୬ରେ ୮.୨, ୨୦୧୬-୧୭ରେ ୭.୨, ୨୦୧୭-୧୮ରେ ୭.୧, ୨୦୧୮-୧୯ରେ ୪.୫, ୨୦୧୯-୨୦ରେ ୩.୭, ୨୦୨୦-୨୧ରେ୬.୬, ୨୦୨୧-୨୨ରେ୮.୭, ୨୦୨୨-୨୩ରେ ୭.୦ ରହିଥିବା ସମୟରେ ୨୦୨୨-୨୩ରେ ୬.୮ ରହିପାରେ ବୋଲି ପୂର୍ବାନୁମାନ କରାଯାଉଛି । କିନ୍ତୁ ଦୁଇଅଙ୍କ ବିଶିଷ୍ଟ ବିକାଶହାରକୁ ଛୁଇଁପାରିଲେ ବିକାଶ ପ୍ରକୃତରେ ଦ୍ରୁତତର ହୋଇପାରିବ । ଏଚ୍ଏସ୍ବିସି ହଂକଂ ସାଂଘାଇ ବ୍ୟାଙ୍କିଂ କର୍ପୋରେସନର କହିବାନୁସାରେ ବିଗତ ୨୦ବର୍ଷ ହେଲା ଚୀନ ବିଦେଶୀ ପୁଞ୍ଜିନିବେଶକାରୀଙ୍କ ପାଇଁ ନିବେଶର କେନ୍ଦ୍ର ହୋଇ ରହିଆସିଥିଲା , ଯାହା ଆଗାମୀ ୨୦ବର୍ଷ ପାଇଁ ଭାରତ ସେହି ସ୍ଥାନରେ ରହିବ । ମୋର୍ଗାନ ଷ୍ଟାନ୍ଲେ ପୁଞ୍ଜିନିବେଶ କ୍ଷେତ୍ରରେ ଭାରତକୁ ଗୁରୁତ୍ୱ ଦେଇ 'ଏ ଗ୍ରେଡ'ରେ ରଖିଛି । ଭାରତର ଇଣ୍ଡେକ୍ସ (୧୪.୬) ତୁଳନାରେ ନିବେଶ ସ୍ଥିତିକୁ (୨୨.୯୫) ଉଚ୍ଚରେ ରଖାଯାଇଛି । ଏ କ୍ଷେତ୍ରରେ ୬ ନମ୍ବରରୁ ଭାରତ ୧ ନମ୍ବରକୁ ଆସିଛି । କାରଣ ଗତ ଏକବର୍ଷରେ ଭାରତରେ ନିବେଶକାରୀ ୨୫ ପ୍ରତିଶତ ଲାଭ ପାଇଛନ୍ତି । ଭାରତରେ ଉଭୟ ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ବଡ ବଜାର ସୃଷ୍ଟି ହୋଇଛି । ଭାରତ ପଛକୁ ଚୀନ-ତାଇୱାନ ଥିଲାବେଳେ ଅଷ୍ଟ୍ରେଲିଆ ପୂର୍ବ ଗୁରୁତ୍ୱ ହରାଇଛି । ବିଦେଶୀ ପୁଞ୍ଜିନିବେଶ ପରେ ରୋଜଗାର, ଉତ୍ପାଦନ, ରପ୍ତାନୀରେ ବ୍ୟାପକ ବୃଦ୍ଧି ପରିଲକ୍ଷିତ ହେବ । କାରଣ ବିଦେଶୀ ନିବେଶକୁ ଲକ୍ଷ୍ୟକଲେ ଜଣାପଡିବ ଯେ ଭାରତ ବର୍ଷକୁ ଯେତେ ବିଦେଶୀ ନିବେଶ ପାଏ ଚୀନ ତାର ଦୁଇଗୁଣ ହିଁ ପାଇଥାଏ । ୨୦୨୨ରେ ବିଶ୍ୱରେ ନିବେଶର ପରିମାଣ ୧୨୮୬ ବିଲିଅନ ଡଲାର ରହିଥିଲା, ଯାହା ପୂର୍ବବର୍ଷ ତୁଳନାରେ ୨୪ ପ୍ରତିଶତ କମ୍ । କିନ୍ତୁ ଚୀନ ଏହି ସମୟରେ ୮ ପ୍ରତିଶତ ଅଧିକ ପୁଞ୍ଜି ପାଇଥିବା କଥା କହୁଥିଲାବେଳେ ବିଦେଶୀ ସଂସ୍ଥାମାନେ ଚୀନର ତଥ୍ୟକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି । କିନ୍ତୁ ଭାରତରେ ୨୦୧୪ପରଠାରୁ ବିଦେଶୀ ପୁଞ୍ଜି ନିବେଶ କ୍ରମଶଃ ବୃଦ୍ଧି ପାଉଥିବା ଲକ୍ଷ୍ୟ କରିହେବ । ବିଲିଅନ ଡଲାରରେ ଏହି ବିଦେଶୀ ପୁଞ୍ଜିନିବେଶକୁ ହିସାବକୁ ନେଲେ ଜଣାପଡିବ ଯେ ୨୦୧୪-୧୫ରେ ୪୫.୧, ୨୦୧୫-୧୬ରେ ୫୫.୫, ୨୦୧୬-୧୭ରେ ୬୦.୨, ୨୦୧୭-୧୮ରେ ୬୦.୯, ୨୦୧୮-୧୯ରେ ୬୨.୦, ୨୦୧୯-୨୦ରେ ୭୪.୩, ୨୦୨୦-୨୧ରେ ୮୧.୯, ୨୦୨୧-୨୨ରେ ୮୩.୫ ବିଲିଅନ ଡଲାରର ବିଦେଶୀ ପୁଞ୍ଜିନିବେଶ ଭାରତ ଲାଭ କରିଛି । ୨୦୨୨ରେ ଗ୍ରୀନ ଫିଲ୍ଡ ପ୍ରକଳ୍ପ କ୍ଷେତ୍ରରେ ଭାରତ ତୃତୀୟ ସର୍ବାଧିକ ପୁଞ୍ଜିନିବେଶ ଲାଭ କରିଛି । ୨୦୨୧ରେ ଏହି ପ୍ରକଳ୍ପ କ୍ଷେତ୍ରରେ ଭାରତ ୪୪.୭ ବିଲିଅନ ଡଲାର ଏବଂ ୨୦୨୨ରେ ୪୯.୩ ବିଲିଅନ ଡଲାର ବିଦେଶୀ ପୁଞ୍ଜି ନିବେଶ ପାଇଛି । ଜାତିସଂଘର ବାଣିଜ୍ୟ ବିକାଶ ସମ୍ମେଳନ (ୟୁଏନ୍ସିଟିଏଡି) ଅନୁଯାୟୀ ଏ କ୍ଷେତ୍ରରେ ଆମେରିକା ପ୍ରଥମ ଏବଂ ବ୍ରିଟେନ ଦ୍ୱିତୀୟ ସ୍ଥାନରେ ରହିଛି । ଏସିଆକୁ ଆସିଥିବା ମୋଟ ନିବେଶ ମଧ୍ୟରୁ ୮୦ ପ୍ରତିଶତ (ଗ୍ରୀନଫିଲ୍ଡ ପ୍ରକଳ୍ପ) ଭାରତ ପାଇବାକୁ ସକ୍ଷମ ହୋଇଛି । ଅବଶିଷ୍ଟ ୨୦ ପ୍ରତିଶତ ଅର୍ଥ ଚୀନ, ସିଙ୍ଗାପୁର, ହଂକଂ ଏବଂ ୟୁନାଇଟେଡ୍ ଆରବ ଏମିରେଟ ପାଇଛନ୍ତି । ଗ୍ରୀନ ଫିଲ୍ଡ ପ୍ରକଳ୍ପ କହିଲେ ନୂତନ ପ୍ରକଳ୍ପକୁ ବୁଝାଇଥାଏ, ଯାହା ସେ ଦେଶରେ ପୂର୍ବରୁ ନଥାଏ । ଉଦାହରଣ ସ୍ୱରୂପ ଫକ୍ସକନ କମ୍ପାନୀ ଭାରତରେ ଚିପ୍ ନିର୍ମାଣ ପାଇଁ ପ୍ରଥମେ ନିବେଶ କରିବ । ଏହା ପୂର୍ବରୁ ଭାରତରେ ବ୍ୟବହୃତ ଚିପ୍ ସବୁ ବିଦେଶରୁ ଆମଦାନୀ ହେଉଥିଲା । ଭାରତରେ ଆପଲ ଆଇଫୋନ ନିର୍ମାଣ ପାଇଁ ଫକ୍ସକନ ୩୩ ମିଲିଅନ ଡଲାରର ଇଲେକଟ୍ରୋନିକ ଉପକରଣ କିଣି ଭାରତରେ ଉପଯୋଗ କରିବ । କାରଣ ଏହି କମ୍ପାନୀ ଆପଲ ପାଇଁ ଆଇଫୋନ୍ ନିର୍ମାଣ କରିଥାଏ । ଭାରତରେ ଆଇଫୋନ୍ ନିର୍ମାଣ ତିନିଗୁଣ ବୃଦ୍ଧି ପାଇଥିବା ଜଣାଯାଏ । ଫକ୍ସକନ କର୍ଣ୍ଣାଟକରେ ୩୦୦ଏକର ଜମି ଅଧିଗ୍ରହଣ କରିବାକୁ ଯାଉଛି । ବେଙ୍ଗାଲୁରୁ ଆନ୍ତର୍ଜାତିକ ବିମାନବନ୍ଦର ନିକଟରେ କମ୍ପାନୀ ଆଇଫୋନ ନିର୍ମାଣ ଯୋଜନା କରୁଥିଲାବେଳେ ତୁମକୁରଠାରେ ଗେମିଂ ସଫ୍ଟୱେର ନିର୍ମାଣ ପାଇଁ ଅନ୍ୟ ଏକ କମ୍ପାନୀ ବସାଇବ । ଅନ୍ୟ ଏକ ଗ୍ରୀନ ଫିଲ୍ଡ କମ୍ପାନୀ ଆଦାନୀ ଗ୍ରୁପ ସହ ଫ୍ରାନ୍ସର ଟୋଟାଲ ଏନର୍ଜୀ କମ୍ପାନୀ ୫ ବିଲିଅନ ଡଲାର ଖର୍ଚ୍ଚରେ ଗ୍ରୀନ୍ ହାଇଡ୍ରୋଜେନରୁ ୟୁରିଆ ପ୍ରସ୍ତୁତ କରିବ । ସେମିତି ଗୁଜରାଟରେ ଆଦାନୀ ଗ୍ରୁପ ଦକ୍ଷିଣ କୋରିଆର ବଡ ଇସ୍ପାତ ନିର୍ମାଣକାରୀ ପୋସ୍କୋ ସହ ମିଶି ସ୍ୱତନ୍ତ୍ର ଧରଣର ଇସପାତ ନିର୍ମାଣଲାଗି ୫ ବିଲିଅନ ଡଲାର ଖର୍ଚ୍ଚ କରିବ । ଦେଶରେ ଅର୍ଥନୀତିର ବିକାଶର ଅନ୍ୟ ଏକ ଲକ୍ଷଣ ହେଲା ଯେ ଭାରତୀୟ କମ୍ପାନୀମାନେ ବହୁରାଷ୍ଟ୍ରୀୟ କମ୍ପାନୀରେ ପରିଣତ ହେବା । ନିକଟରେ ଭାରତର କମ୍ପାନୀମାନେ ୪୨ ବିଲିଅନ ଡଲାର ଖର୍ଚ୍ଚରେ ବିଦେଶରେ ଗ୍ରୀନ ଫିଲ୍ଡ ପ୍ରକଳ୍ପ ନିର୍ମାଣ କରିବାକୁ ଘୋଷଣା କରିଛନ୍ତି , ଯାହା ପୂର୍ବର ନିବେଶଠାରୁ ତିନିଗୁଣ ଅଧିକ । ଯେମିତି ଭାରତର ଆକମେ ଗ୍ରୁପ ୧୩ ବିଲିଅନ ଡଲାର ଇଜିପ୍ଟର ଗ୍ରୀନ ଫିଲ୍ଡ ପ୍ରକଳ୍ପରେ ନିବେଶ କରିବ । ବାର୍ଷିକ ୨.୨ ବିଲିଅନ ଟନ୍ ଗ୍ରୀନ ହାଇଡ୍ରୋଜେନ ନିର୍ମାଣ ପାଇଁ ଇଜିପ୍ଟରେ ଆକ୍ମେ କାର୍ଯ୍ୟକରିବ । ସେମିତି ରି ନିଉ ପାୱାର କମ୍ପାନୀ ଇଜିପ୍ଟରେ ସୁଏଜ କେନାଲ ଇକୋନୋମିକ୍ ଜୋନ୍ରେ ଗ୍ରୀନ ହାଇଡ୍ରୋଜେନ ଉତ୍ପାଦନ ପାଇଁ କମ୍ପାନୀ ବସାଇବ । ଏହାଛଡା ଟାଟାଗ୍ରୁପ ୪୨ହଜାର ୫୦୦ କୋଟି ଟଙ୍କା (୪ ବିଲିଅନ ପାଉଣ୍ଡ) ବ୍ରିଟେନରେ ଇଲେକ୍ଟ୍ରିକ୍ଯାନର ବ୍ୟାଟେରୀ ନିର୍ମାଣ ପାଇଁ ଖର୍ଚ୍ଚ କରିବ ବୋଲି ଘୋଷଣା କରିଛି । ସମରସେଟ୍ଠାରେ ଏହି ବଡ କମ୍ପାନୀ ପ୍ରତିଷ୍ଠା କରାଯିବ । ଏହା ହେଲେ ଟାଟାର ଏହି ପ୍ରକଳ୍ପ ୟୁରୋପର ଏକ ବଡ ବ୍ୟାଟେରୀ ସେଲ୍ କମ୍ପାନୀ ହେବ । ୧୯୮୦ରେ ୟୁରୋପର ନିଶାନ୍ର ଯାନବାହନ ନିର୍ମାଣ ପାଇଁ ନିବେଶ ପରେ ଟାଟାର ଏହି ନିବେଶ ଦ୍ୱିତୀୟ ବଡ ନିବେଶ ହେବ ବୋଲି କୁହାଯାଉଛି ।

କୋରୋନା ପରବର୍ତ୍ତୀ ସମୟରେ ଭାରତରେ ବିଦେଶୀ ପୁଞ୍ଜିନିବେଶ (ମାର୍ଚ୍ଚ ୨୦୨୦-୨୨) ୨୩ ପ୍ରତିଶତ ବୃଦ୍ଧି ପାଇଥିବା ଦେଖାଯିବ । ୨୦୧୮-୨୦ରେ ଏହି ପରିମାଣ ୧୪୧.୧୦ ବିଲିଅନ ଡଲାର ଥିଲାବେଳେ ୨୦୨୦-୨୧ରେ ତାହା ୧୭୧.୮୪ ବିଲିଅନ ଡଲାରକୁ ଛୁଇଁଛି । ସିଆଇଆଇ-ଇକ୍ୱାଇର ରିପୋର୍ଟ ଅନୁଯାୟୀ ଆଗାମୀ ୫ ବର୍ଷରେ ଭାରତ ୪୭୫ ବିଲିଅନ ଡଲାର ବିଦେଶୀ ପୁଞ୍ଜିନିବେଶ ଲାଭ କରିପାରେ । ସେମିତି ଏସ୍ଏଣ୍ଡପି ଗ୍ଲୋବାଲ ରେଟିଂର ମତ ଅନୁସାରେ ଆଗାମୀ ୩ବର୍ଷ ପାଇଁ ଭାରତ ପୃଥିବୀର ସର୍ବାଧିକ ବିକାଶଶୀଳ ଅର୍ଥନୀତି ରହିବ । ଆଗାମୀ ୭ବର୍ଷରେ ଭାରତର ମୁଣ୍ଡପିଛା ଆୟ ୨୩୦୦ଡଲାରରୁ ବୃଦ୍ଧିପାଇ ୫୦୦୦ହେବ ବୋଲି କୁହାଯାଉଛି । ଭାରତରେ ନିର୍ମାଣ କ୍ଷେତ୍ର ବୃଦ୍ଧିଦର ଆଶାଜନକ ରହିବ ବୋଲି ଆଶା କରାଯାଉଛି । କାରଣ ୨୦୧୯-୨୦ରେ ଯାହା ୧୨.୦୯ ବିଲିଅନ ଡଲାର ଥିଲା ତାହା ୨୦୨୧-୨୨ବେଳକୁ ୨୨.୩୦ ବିଲିଅନ ଡଲାରରେ ପହଞ୍ଚିଛି । ଏହି ବୃଦ୍ଧିହାର ୭୬ ପ୍ରତିଶତ ।

ଭାରତରେ ମୋଟ ଜନସଂଖ୍ୟାର ଅଧିକ ଯୁବଶକ୍ତି , ଦେଶର ଡିଜିଟାଲଯୁକ୍ତ ଜନଶକ୍ତି, ଆର୍ଥିକ ଦୃଷ୍ଟିରୁ ଉତ୍ପାଦନକ୍ଷମ ଶ୍ରମଶକ୍ତି ରହିଥିବା ହେତୁ ଦେଶରେ ମଧ୍ୟବିତ୍ତ ବର୍ଗଙ୍କ ରୋଜଗାର ଏବଂ ଆଶାର ବୃଦ୍ଧିଯୋଗୁ ଟେକ୍ନୋଲୋଜୀର ବିକାଶ ବ୍ୟାପକ ହେଉଛି । ୨୦୩୦ ବେଳକୁ ଏହି କାରଣରୁ ଅନ୍ଲାଇନ ଗ୍ରାହକଙ୍କ ସଂଖ୍ୟା ୫୦କୋଟିରେ ପହଞ୍ଚିବ ବୋଲି କୁହାଯାଉଛି । ସେମିତି ଇ-କମର୍ସ ବଜାର ୩୫୦ ବିଲିଅନରେ ପହଞ୍ଚିବ ବୋଲି କୁହାଯାଉଛି । ଅର୍ଥନୀତିର ବିକାଶ ଯୋଗୁ ୨୦୩୦ ବେଳକୁ ଭାରତରେ ୮୦ପ୍ରତିଶତ ଜନସାଧାରଣ ମଧ୍ୟବିତ୍ତ ବର୍ଗରେ ରହିବେ ଯାହା ୨୦୧୯ରେ ୫୦ପ୍ରତିଶତ ରହିଥିଲା । ଦେଶର ୧୪କୋଟି ପରିବାର ଏହି ସମୟକାଳ ମଧ୍ୟରେ ମଧ୍ୟବିତ୍ତ ହେବେ । ୨କୋଟି ଲୋକ ଉଚ୍ଚ ଆୟବର୍ଗରେ ସାମିଲ ହେବେ । ଲୋକଙ୍କ ଆୟବୃଦ୍ଧି ଯୋଗୁ ବ୍ୟୟ ବୃଦ୍ଧି ହେବ । ବଜାରର ବୃଦ୍ଧି ଯୋଗୁ ଅର୍ଥନୀତିର ବୃଦ୍ଧି ହେବ । ଜି ୨୦ର ରାଷ୍ଟ୍ରଗୁଡିକରେ ଅଂଶଧନରେ ମିଳୁଥିବା ଲାଭ ଦୃଷ୍ଟିରୁ ଭାରତ ଏକପ୍ରକାର ସ୍ଥିର ସ୍ଥିତିରେ ରହିଛି । କ୍ଷୁଦ୍ରରୁ ମଧ୍ୟମ ସମୟାବଧି ଅଂଶଧନରେ ୧ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ଭାରତରେ ୧୧.୫ ପ୍ରତିଶତ ଲାଭ ମିଳୁଥିଲା ବେଳେ ୫ମବର୍ଷ ବେଳକୁ ଚୀନରେ ୬.୭ ପ୍ରତିଶତ , ରୁଷିଆରେ ୯.୩ ପ୍ରତିଶତ ଏବଂ ଇଣ୍ଡୋନେସିଆରେ ୧୦.୫ ପ୍ରତିଶତ ମିଳୁଛି । ଆଗାମୀ ଦିନରେ ଚୀନ ତୁଳନାରେ ଭାରତକୁ ବିଦେଶୀ ନିବେଶ ବୃଦ୍ଧିପାଇବାର କାରଣ ପଛରେ ହଂକଂର ଦୁର୍ବଳ ସ୍ଥିତିକୁ କୁହାଯାଉଛି । କାରଣ ଚୀନର ମୋଟ ବିଦେଶୀ ପୁଞ୍ଜିନିବେଶରୁ ୮୦ ପ୍ରତିଶତ କେବଳ ହଂକଂରୁ ଆସୁଛି । ହଂକଂରେ ଥିବା ଅନେକ ସେଲ କମ୍ପାନୀ ବିଦେଶରୁ ଜାଲିଆତି ଅର୍ଥ ହଂକଂକୁ ଆଣିବା ପରେ ନିବେଶ ପାଇଁ ଚୀନକୁ ପଠାଉଛନ୍ତି । ଟିକସ ନାମକୁମାତ୍ର ଆଦାୟ ହେଉଥିବା ହଂକଂ ହେଉଛି ଜାଲ କମ୍ପାନୀମାନଙ୍କର ସ୍ୱର୍ଗ । ଏଠାରେ ଦୁର୍ବଳ ଆଇନ ଯୋଗୁ ବିଦେଶୀଙ୍କ ପାଇଁ କମ୍ପାନୀ ଖୋଲିବା ସହଜ । କମ୍ପାନୀର ମାଲିକ ସ୍ଥାନୀୟ ବାସିନ୍ଦା ହେବା ମଧ୍ୟ ଆବଶ୍ୟକ ନଥିବା ହେତୁ ଭିନ୍ନ ଭିନ୍ନ ଦେଶର ଅର୍ଥ ଚୋରମାନେ ହଂକଂରେ କମ୍ପାନୀ ଖୋଲି ବ୍ୟବସାୟ କରନ୍ତି । ସ୍ଥାନୀୟ ସରକାର ମଧ୍ୟ ଚୀନର ନିର୍ଦ୍ଦେଶରେ ଏଥିପାଇଁ ପ୍ରୋତ୍ସାହନ ଦେଉଛି । ବ୍ରିଟେନ ହାତରୁ ଚୀନ ହାତକୁ ହଂକଂ ଯିବା ପରେ ୧୯୯୮ରୁ ୨୦୦୬ ପର୍ଯ୍ୟନ୍ତ ଚୀନରେ ହଂକଂର ପୁଞ୍ଜିନିବେଶ ମୋଟ ନିବେଶର ୫୦ ପ୍ରତିଶତ ଥିଲା , ଯାହା ୨୦୨୧ବେଳକୁ ୭୫ ପ୍ରତିଶତରୁ ଅଧିକ ହେଲା । ୨୦୨୧ରେ ଚୀନର ମୋଟ ବିଦେଶୀ ପୁଞ୍ଜି ନିବେଶ ୧୮୦ ବିଲିଅନ ଡଲାରରୁ ୧୩୨ ବିଲିଅନ କେବଳ ହଂକଂର ରହିଥିଲା । ସେମିତି ହଂକଂର ଅଂଶ ୨୦୨୦ରେ ମୋଟ ୧୪୫ରୁ ୧୦୫ ବିଲିଅନ ଡଲାର, ୨୦୧୯ରେ ମୋଟ ୧୩୮ ରୁ ୯୮ ବିଲିଅନ ଡଲାର ଥିଲା । ଏକଥା ସତ ଯେ ଭାରତ ତୁଳନାରେ ଆମେରିକାର ପୁଞ୍ଜିନିବେଶ ଆଜି ମଧ୍ୟ ଚୀନରେ ଅଧିକ । ୨୦୨୧ରେ ଚୀନରେ ୨.୪ ବିଲିଅନ ଏବଂ ଭାରତରେ ୦.୬ ବିଲିଅନ ଡଲାର ଆମେରିକା ନିବେଶ କରିଥିଲା ।

ଭାରତୀୟ ସମ୍ବାଦ ସେବା
ଭୁବନେଶ୍ୱର-୭୫୧୦୦୩

# ଏକ ସ୍ୱର୍ଣ୍ଣିମ ରାଜ୍ୟକୁ ଯାତ୍ରା

ଦିନେ କଲେଜ ତରଫରୁ ଗୋଟିଏ ଭଲ ସ୍ଥାନକୁ ବୁଲିଯିବାକୁ ଅଧ୍ୟକ୍ଷ ପ୍ରସ୍ତାବ ଦେଲେ । ଶିକ୍ଷକମାନେ ଅଭିଭାବକ ଓ ଛାତ୍ରଛାତ୍ରୀ ମାନଙ୍କ ସହିତ ମିଶି ଗୋଟିଏ ସର୍ବମତ ସଂପନ୍ନ ସ୍ଥାନ ସ୍ଥିର କରିବାକୁ କହିଲେ । ସତ୍ୟରୂପା କହିଲା ଆମ ଦେଶ ବହୁ ମୁନୀ, ଋଷୀ, ରାଜା, ବିଦ୍ୱାନଙ୍କ ଦ୍ୱାରା ପବିତ୍ରୀକୃତ ହୋଇଛି । ସେମାନେ ଆମ ସଂସ୍କୃତିକୁ ସମୃଦ୍ଧି କରିଛନ୍ତି । ଲୋକମାନଙ୍କ ମନରେ ଆନନ୍ଦ ଓ ଶାନ୍ତି ଆଣି ଦେଇଛନ୍ତି । ତେଣୁ ଆମେ ଏପରି ଏକ ଜାଗାକୁ ଯିବା ଯେଉଁଠାରେ ଲୋକମାନେ ଏ ମହାନ ବ୍ୟକ୍ତିଙ୍କର ସ୍ମୃତି ଦିବସ ଓ ଉପଦେଶକୁ ମନେପକାଇ ଅଭ୍ୟାସରେ ପରିଣତ କରୁଥିବେ ଏବଂ ସେ ବ୍ୟକ୍ତିତ୍ୱ ଆମ ମାନଙ୍କ ପ୍ରେରଣାର ଉତ୍ସ ହୋଇଥିବ ।

ଉଭୟ ଭାରତୀ କହିଲା ଶଙ୍କରାଚାର୍ଯ୍ୟ ଆଶ୍ରମ ସବୁ ବୁଲି ଦେଖିବା । ଯଥା ଶୃଙ୍ଗେରୀ, ପୁରୀ, ବଦ୍ରିନାଥ ଇତ୍ୟାଦି ଇତ୍ୟାଦି । ସେ ଉପନିଷଦ, ବ୍ରହ୍ମସୂତ୍ର ଓ ଭଗବତ ଗୀତାର ଟୀକା ରଚନା କରିଛନ୍ତି ଓ ପଦଯାତ୍ରା କରିଥିଲେ । ପ୍ରସିଦ୍ଧ ସ୍ଥାନ ଦର୍ଶନ କରିଥିଲେ । ଅଦ୍ୱୈତବାଦ ପ୍ରତିଷ୍ଠା କରିଥିଲେ । ଅହଂ ବ୍ରହ୍ମସ୍ମି, ତତ୍ତ୍ୱମସି ମହାକାବ୍ୟର ସତ୍ୟକୁ ଅଭିବ୍ୟକ୍ତ କରିଥିଲେ । ସର୍ବବ୍ୟାପୀ ବିଶ୍ୱ ଚେତନା, ଅଣାକାର, ଅନାମ ନିର୍ଗୁଣ ବ୍ରହ୍ମ ସମ୍ବନ୍ଧରେ ବୁଝାଇଥିଲେ । ଅପର୍ଣ୍ଣା କହିଲା ମଣିଷ ପ୍ରାକୃତିକ ବିଭବକୁ ଉପକରଣ ରୂପେ ପ୍ରୟୋଗ କରି ଉପାସନା ମାଧ୍ୟମରେ ଭଗବାନଙ୍କୁ ଉପଲବ୍ଧି କରିପାରିବ । ଆମେ ଏପରି ଜାଗାକୁ ଯିବା ଯେଉଁଠାରେ ମନୁଷ୍ୟ ପ୍ରକୃତି ଓ ଈଶ୍ୱର ଅଦ୍ୱୈତ ବୋଲି ପ୍ରମାଣିତ ହେଉଥିବ । ତେଣୁ ବୃନ୍ଦାବନ ବୁଲିଗଲେ ଭଲ ହୁଅନ୍ତା । ପ୍ରିୟମ୍ବଦା ଆମେ ଆନନ୍ଦତୀର୍ଥରେ ଯିବା । ମନୁଷ୍ୟ ଭଗବାନ ନୁହେଁ କିମ୍ବା ଦିବ୍ୟ ନୁହଁ । ଆମର ସର୍ବୋଚ୍ଚ ଲକ୍ଷ୍ୟ ରାଧାକୃଷ୍ଣଙ୍କୁ ଭକ୍ତି କରିବା । ସେବା ପାଇଁ ଅଭିଳାଷା କରିବା ପ୍ରଭୁଙ୍କ ରୂପ ଓ ସୌନ୍ଦର୍ଯ୍ୟକୁ ଦେଖିବା ଓ ଆଖିରେ ଭରି ଦେବା ପାଇଁ ପ୍ରୟାସ କରିବା । ମୁଁ ମିଶ୍ରି ଖଣ୍ଡ ହେବାକୁ ଚାହେଁ ନାହିଁ । ବରଂ ଛୋଟିଆ ମିଶ୍ରି ଗୁଣ୍ଡର ମଧୁରଷଆସ୍ୱଦନ କରୁଥିବା ପିମ୍ପୁଡ଼ି ପରି ହେବାକୁ ଚାହେଁ, ତେଣୁ ଚୈତନ୍ୟଙ୍କର ସ୍ଥାନ ନଦୀୟା ନବଦ୍ୱିପ ବୁଲିଗଲେ ଭଲ ହେବ ।

ଏଥର ମୋର ପାଳି ପଡ଼ିଲା ମୁଁ କହିଲି ଭଗବାନ ନଡ଼ିଆ ଶସ, ମଣିଷ ଷଢ଼େଇ ଓ ପ୍ରକୃତି କତା ପରି । ସେମାନେ ଦେହର ଅଙ୍ଗପ୍ରତ୍ୟଙ୍ଗରେ ନିଜ ନିଜର ବିଶେଷ ଲକ୍ଷଣ ସହିତ ପରସ୍ପର ନିବିଡ଼ ଭାବେ ସଂପୃକ୍ତ । ତେଣୁ ପଇଡ଼ରେ ମନୁଷ୍ୟ, ପ୍ରକୃତି ଓ ଈଶ୍ୱରଙ୍କ ସତ୍ତା ସମ୍ମିଳିତ ହେବାପରି ମନେହୁଏ । ଭକ୍ତି ଓ ଉତ୍ସର୍ଗ ଏକ ରାଜପଥ । ମୌସୁମୀ ବର୍ଷା ଦ୍ୱାରା ବିଧୌତ ଜଙ୍ଗଲ ଢ଼ାଲଭୂମି, ବେଳାଭୂମି ଉଜ୍ଜ୍ୱଳ ଓ ଚକ ଚକ ଭୂମି ଉପରେ ସୁନେଲି ମୁକୁଳର ଗାଲିଚା ଏପରି ଏକ ସ୍ଥାନ ସମସ୍ତଙ୍କୁ ଭଲ ଲାଗେ ଆମେ ଏପରି ଏକ ଜାଗାକୁ ଯିବା ଯେଉଁଠାରେ ଗ୍ରାମାଞ୍ଚଳର ପୂଜାର ବାତାବରଣ



**ଅନୀତା ପଟ୍ଟନାୟକ**

ଦୀପ୍ତିମନ୍ତ ଥିବ । ଆଶା, ଅଭିଳାଷା, କୃତଜ୍ଞତା ପଛରେ ବିସ୍ମୟକର କାହାଣୀ ଥିବ । ଏପରି ଏକ ଶ୍ରାବଣ ମାସରେ ସେ ରାଜ୍ୟ ଉତ୍ସବମୁଖର ହୋଇଥିବ । ଆଉ ଏକ କଥା । ବନ୍ଧୁ, ଶୁଭାକାଂକ୍ଷୀ, ଆତ୍ମୀୟ ଆମକୁ କୌଣସି ଉପହାର ଦେଲେ ଆମେ ତାକୁ ଖୁସିରେ ଗ୍ରହଣ କରୁ । ଉପହାର ବସ୍ତୁ ଆମକୁ ଭଲ ନଲାଗିଲେ ବି ଆମର ସ୍ୱୀକୃତି ସେମାନଙ୍କୁ ଆନନ୍ଦ ଦିଏ । ଉପହାରଟି ଭଲ ଲାଗିଲେ ହାର୍ଦ୍ଦିକ ପ୍ରତିକ୍ରିୟା ପ୍ରକାଶ କରୁ, ଆନନ୍ଦିତ ହେଉ । ଶିକ୍ଷକ କହି ଉଠିଲେ ଠିକ କହିଛ । ଈଶ୍ୱରବି ମଣିଷର ଉପହାର ପ୍ରତି ସେହିପରି ପ୍ରତିକ୍ରିୟା ପ୍ରକଟ କରନ୍ତି । ଉପହାର ଅସୁନ୍ଦର ହୋଇଥିଲେ ମଧ୍ୟ ସାଧକର ଅଭିଳାଷକୁ ସନ୍ତୁଷ୍ଟ କରିବା ପାଇଁ ସେ ତାକୁ ଗ୍ରହଣ କରିଥାନ୍ତି । ଉପହାର ବିଶୁଦ୍ଧ ଓ ଆନ୍ତରିକତାପୂର୍ଣ୍ଣ ହେଲେ ସେ ତାକୁ ସ୍ୱାଗତ କରନ୍ତି ଓ ତାହା ଆନନ୍ଦ ଓ ଅସୀମକୃପାରେ ବଦଳିଯାଏ । ତେଣୁ କେଉଁ ଉପହାର ଦେବ । ଯାଦ୍ୱାରା କୃପା ମିଳିବ ସେ ବିଷୟରେ ଜାଣିବା ଦରକାର । ସମସ୍ତେ କହି ଉଠିଲେ କୁହ ସେପରି ସ୍ଥାନ କେଉଁଠି । ମୁଁ କହିଲି କେରଳ, ଯାହା ରାଜା ବଳୀଙ୍କର ସ୍ୱର୍ଣ୍ଣିମ ସାମ୍ରାଜ୍ୟ । ହିରଣ୍ୟକଶିପୁ ଥିଲେ ପିତା ପୁତ୍ର ଥିଲେ ପ୍ରହଲ୍ଲାଦ । ପିତାଙ୍କ ପାଇଁ ଈଶ୍ୱର କେଉଁଠାରେ ନଥିବାବେଳେ ପୁତ୍ର ପାଇଁ ସବୁଠାରେ ଥିଲେ । ପ୍ରହଲ୍ଲାଦଙ୍କ ପୁତ୍ର ଥିଲେ ବିରୋଚନ । ବିରୋଚନଙ୍କ ପୁତ୍ର ଓ ପ୍ରହଲ୍ଲାଦଙ୍କ ନାତି ଥିଲେ ବଳୀ । ପ୍ରହଲ୍ଲାଦଙ୍କ ନାତି ଭାବେ ସେ ଈଶ୍ୱରଙ୍କ ଗୁଣଗାନ କରୁଥିଲେ । ପ୍ରଜାବତ୍ସଳ ଥିଲେ । ରାଜ୍ୟରେ ରୋଗ ଓ ଦାରିଦ୍ର୍ୟର ଚିହ୍ନ ବର୍ଣ୍ଣ ନଥିଲା । ପ୍ରତ୍ୟକ ଘରରେ ଆନନ୍ଦ ଓ ପ୍ରତ୍ୟେକ ଦିବସ ମହୋତ୍ସବର ଦିବସ ହେଉଥିଲା । ସେ ବିଶ୍ୱଜିତ ଯଜ୍ଞ ଅନୁଷ୍ଠାନ କରି ଦେବତା ମାନଙ୍କର ଆଶୀର୍ବାଦ ସହିତ ସୁଶାସନ ଚାହୁଁଥିଲେ । କୃପା ପ୍ରଦାନ କରିବା ପାଇଁ ପ୍ରଭୁ ଏହି ଅବସରରେ ସଦୁପଯୋଗ କରିଥିଲେ । ବାମନ ରୂପରେ ବଟୁ ବେଶରେ ଯଜ୍ଞବେଦୀ ନିକଟରେ ପହଞ୍ଚିବା କ୍ଷଣି ବଳି ଆଦରର ସହ ସ୍ୱାଗତ କରିଥିଲେ । ଦାନରେ ପ୍ରଭୁ ତିନିପାଦ ଭୂମି ମାଗିଥିଲେ । ଗୁରୁ ଶୁକ୍ରାଚାର୍ଯ୍ୟ ବଳୀକୁ ସତର୍କ କରାଇଥିଲେ ମଧ୍ୟ ସେ ତିନିପାଦ ଭୂମି ବାମନଙ୍କୁ ଦେବେ ବୋଲି କହିଥିଲେ । ବଳୀଙ୍କୁ ଆଶୀର୍ବାଦ କରିବା ପାଇଁ ସେ ଗୋଟିଏ ପାଦ ପୃଥିବୀ ଓ ଗୋଟିଏ ପାଦ ଆକାଶ ଓ ଗୋଟିଏ ପାଦ ତାଙ୍କ ମୁଣ୍ଡ ଉପରେ ରଖି ବଳୀଙ୍କୁ ତାଙ୍କ ଜନ୍ମ ମୃତ୍ୟୁର ଚକ୍ରରୁ ଉଦ୍ଧାର କରିଥିଲେ । ବଳୀ ଅନ୍ତିମ ଇଛା ପ୍ରକଟ କରି ପ୍ରତିବର୍ଷ କେରଳକୁ ଆସିବାକୁ ଅନୁମତି ମାଗିଥିଲେ । ଶ୍ରାବଣ ମାସର ଶ୍ରାବଣ ନକ୍ଷତ୍ରକୁ ସେ ବାଛିଥିଲେ । ସେହି ଦିନଟି ଓ ନମ କେରଳବାସୀ ମିଷ୍ଟାନ୍ନ ବ୍ୟଞ୍ଜନ ପ୍ରଭୁଙ୍କୁ ଅର୍ପଣ କରିବା ପାଇଁ ପ୍ରସ୍ତୁତ କରନ୍ତି ନୂଆ ଲୁଗା ପିନ୍ଧନ୍ତି । ଘର ତୋରଣ ଫୁଲମାଳରେ ସଜ୍ଜିତ କରନ୍ତି । ଧୂପଦୀପରେ ପରିବେଶ ସୁଗନ୍ଧିତ ହୁଏ । ନୃତ୍ୟ ଗୀତରେ ଦିନଟି କଟାଇଥାନ୍ତି । ଘରେ ଦୀପ ଜଳେ ଏ ରୁଣ୍ଡିବନ୍ଧ ଉପରେ ତାହା ରଖାଯାଏ । ପିଲାମାନେ ମନ୍ଦିରରେ ଦୀପ ଜାଳନ୍ତି । ପ୍ରଦୀପ ଜୀବର ପ୍ରତୀକ । ଯୁବକ, ବୃଦ୍ଧ, ଧନୀ, ଗରିବ ସମସ୍ତେ ପୂଜା କରନ୍ତି । ବଳୀଙ୍କୁ କୃତଜ୍ଞତା ଜ୍ଞାପନ କରନ୍ତି ଓ ଅହଂକାରକୁ ପରିତ୍ୟାଗ କରନ୍ତି । ସର୍ବଶକ୍ତିମାନ ପ୍ରଭୁଙ୍କ ପ୍ରତି ଭକ୍ତି ରହିତ ଜୀବନଜ୍ଞାନ ଏକ ଶୋଚନୀୟ ଅପଚୟ ଅଟେ । ଏକଥା ଶୁଣି ସମସ୍ତେ କହିଲେ ଏକ ସ୍ୱରରେ କେରଳ ଯିବା ।

ଅବସରପ୍ରାପ୍ତ ପ୍ରଧାନିକା, ସିଡିଏ, କଟକ,
ଦୂରଭାଷ : ୯୬୯୨୯୮୦୦୨୬

# ବାସ୍ତୁ ପାଇଁ ପଦେ

ସମସ୍ତେ ଗୃହ ନିର୍ମାଣରେ ଏବେ ମନ ଦେଉଛନ୍ତି । ପୂର୍ବେ ଚାଷୀ ପଛେ କଡ଼ିଆ ଘରେ ରହନ୍ତୁ ବାରମ୍ବାର ବର୍ଷ ବର୍ଷ ପରିଶ୍ରମ କରି ସଞ୍ଚୟ କରି ନିଜ ଜମିଜମାର ପରିସର ବଢ଼ାଉଥିଲେ । ଜମିଦାର ମାନେ ଜମିଦାରୀ କିଣୁଥିଲେ ରାଜ ନିଲାମରେ ଜମିଦାରୀ ଧରୁଥିଲେ । ରାଜାମାନେ ଅନ୍ୟ ରାଜ୍ୟକୁ ଆକ୍ରମଣ କରି ଜିତିଲେ ରାଜ୍ୟ ବୃଦ୍ଧି ପାଇଁ ପରାଜିତ ରାଜା ଠାରୁ ଜମିଭୂମି ପାଇ ସାଲିସ ବା ସନ୍ଧି କରୁଥିଲେ । କିନ୍ତୁ ଏ ସମୟରେ ଯେଉଁମାନେ ଚାକିରୀ ବାଣିଜ୍ୟରେ ଭଲ ରୋଜଗାରୀ ସେମାନେ ଗାଡ଼ିବାଡ଼ିରେ ମନ ଦେଉଛନ୍ତି । ବାଡ଼ିମାନେ ଗୃହ ସହର ମାନ ଧାଡ଼ି ଘର ଭାଡ଼ିଘରରେ ଗଢ଼ି ଉଠିଲାଣି । ଏପରିକି ଜମି ମୂଲ୍ୟରେ ଶସ୍ୟ କ୍ଷେତ୍ରର ଜମି ଅପେକ୍ଷାକୃତ ଶସ୍ତା ଯୋଗୁ ତାକୁ କ୍ରୟ କରି ରାଜ କର୍ମଚାରୀଙ୍କୁ ଧରା ଧରି କରି ଉତକୋଚ ଦେଇ ଚାଷଜମି, ଜଳଜମି, ଗଡିରା ଜମିକୁ ଘରବାରୀ କରାଇ ନେଉଛନ୍ତି । ତାପରେ ଏଇ ଆଖି ଦୃଶିଆ ଧାଡ଼ି ବା ଭାଡ଼ିଘର ପୂର୍ବେ ମାଟିଘରେ ଆଟୁ ବା ମାଣ୍ଡ ଘର ଲୋକ କରିବା ଦେଖାଯାଉଥିଲା । ଏଇ ପଦ୍ଧତି ଏବେ ଭାଡ଼ି ଘର ଘର ଉପରକୁ ଘର ତିଆରି ଚାଲିଛି । ଏହା ନଭଶ୍ଚୁମ୍ବୀ ହେଲାଣି । ନଦୀର ପୋଲ ନିର୍ମାଣ ଅନେକ ବୁଦ୍ଧି ଧନ ଖର୍ଚ୍ଚ ମାତ୍ର ତାହା ଚପି ଯାଉଛି । ଏହି ଭାଡ଼ି ଘର ଗୁଡ଼ିକ ଯେ ଦିନେ ଚପିବ ନାହିଁ କିଏ କହିବ? ମାଟିତଳେ କଣ ଅଛି କେହି ତଦନ୍ତ କରୁନାହାଁନ୍ତି କେଉଁଠି ଭଲ ପାଣି ଓ ଅଳ୍ପଦୂର ପାଣି ମିଳିବ କେହି ନବୁଝି କୂଅ ନଳକୂଅ ଖୋଳିବାରେ ବ୍ୟସ୍ତ । ଘର କଲେ ଗରର ଜଳ ନିଷ୍କାସନ କିପରି ନାଳୀ ଦ୍ୱାରା ମୁଖ୍ୟ ନାଳକୁ ଯିବ ଏକଥା କେହି ନବୁଝି ଜମିକିଣି ଘର ତିଆର କରୁଛନ୍ତି । ଘର ପାଇଁ ଫାଙ୍କା ସ୍ଥାନ,



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଭଲ ଗମନାଗମନ ରାସ୍ତା ଦରକାର ଏକଥା ଚିନ୍ତା କରାଯାଉନାହିଁ । ପ୍ରତି ଭିଟାମାଟିର କ୍ଷେତ୍ର ଉପରେ ଏକ ଅଦୃଶ୍ୟ ଛକି ରହିଛି ଚୌମ୍ବକୀୟ ଉତ୍ତର ଦକ୍ଷିଣ କ୍ଷେତ୍ରର ଦୁଇ ମେରୁ ଦୁଇ ଦିଗ ଓ ସୂର୍ଯ୍ୟଙ୍କର ଉଦୟ ଅସ୍ତ ଧାର୍ଯ୍ୟ ଗୃହର ଈଶାନରୁ ନୈରିତ କୋଣ ସମ୍ବନ୍ଧ ବା ପୂର୍ବ ପଶ୍ଚିମ ସମ୍ବନ୍ଧ । ଅନେକ ଭିତ୍ତିଭୂମି ଦିଗ ଭିତ୍ତିକ ଥିବାବେଳେ ଅନେକ ଭିତ୍ତିଭୂମି ବିଦିଶାରେ ଅଛି । ଚୁମ୍ବକର ନିୟମରେ ଉତ୍ତର ଦକ୍ଷିଣର ୧୮୦ ଅଂଶର ସରଳ ରେଖା ଉତ୍ତରରୁ(+) ବା (-) କିଛି କୋଣ ଏପାଖ ସେପାଖ ହୋଇପାରେ ।

ଏକ ବୃତ୍ତ ବା ଏକ ଚତୁର୍ଭୁଜ ୩୬୦ ଅଂଶର କ୍ଷେତ୍ର । ବୃତ୍ତର ଦକ୍ଷିଣ ତଳକୁ ସରଳ ରେଖା ଧରିଲେ ଠିକ ଉତ୍ତର ଦିଗର ମଧ୍ୟବିନ୍ଦୁ ସହିତ ଲମ୍ବ ଟାଣିଲେ ଉଭୟର ମଧ୍ୟବିନ୍ଦୁରେ ୪ ସମକୋଣ ହେବ । ଏକ ସମକୋଣ ୯୦ ଅଂଶ । ଚାରିସମକୋଣ ମିଶି ୩୬୦ ଅଂଶ । ପୃଥିବୀ ମେରୁକୁ ସ୍ଥିର ଧରି ଗୃହ ନିର୍ମାଣ କରାଯାଏ କିନ୍ତୁ ଏଥିରେ ବି ଭ୍ରମ ଉପୁଜେ । ପୃଥିବୀର ଭୌଗୋଳିକ ମେରୁ ଓ ଚୌମ୍ବକୀୟ ମେରୁ ମଧ୍ୟରେ ବ୍ୟବଧାନ ଅଛି । ଭୌଗୋଳିକ ମେରୁ ଠାରୁ ଆକାଶର ଧ୍ରୁବତାରା ସବୁସ୍ଥାନରେ ଅଲଗା ଅଲଗା ସ୍ଥିତିରେ ରହେ । ସ୍ଥୂଳତଃ ଧ୍ରୁବତାରା ଉତ୍ତର ଦିଗରେ ଧରାଗଲେ ବି ପୃଥିବୀର ଅକ୍ଷାଂଶ ଦ୍ରାଘିମା ଦୃଷ୍ଟେ ମେରୁରୁ ଭିନ୍ନ ଦିଗ ସୃଷ୍ଟି କରେ । ଏହାକୁ ଉଚ୍ଚସ୍ତରର ତ୍ରିକୋଣମିତି, ପରିମିତି ଜ୍ଞାନ ନଥିବା ଲୋକ ସ୍ଥିର କରି ବସ୍ତୁ ନିର୍ମାଣକୁ ପରାମର୍ଶ ଦିଅନ୍ତି ନାହିଁ । ଯେମିତି ସେମିତି ସ୍ଥୂଳଜ୍ଞାନ ଘର କଲେ ଏପାଇଁ ଗୃହରେ ରୋଗ, ଅଶାନ୍ତି, ଅକାଳ ମୃତ୍ୟୁ ବିଚ୍ଛେଦ ଘଟିଥାଏ । ଚାରିକୋଣ ବସ୍ତୁରେ ଈଶାନ କୋଣର ଅଭିବୃଦ୍ଧିର ଭୂମି ଉତ୍କୃଷ୍ଟ । ଈଶାନ କୋଣ ପୂର୍ବ ଉତ୍ତର କୋଣ । ବାସ୍ତୁର ନୈରିତ ଦକ୍ଷିଣ ପଶ୍ଚିମ କୋଣକୁ ବାସ୍ତୁର ନିର୍ମାଣ ଭୂମିରେ ଏକ ସମକୋଣରେ ରଖିବାକୁ ପଡ଼େ । ବାସ୍ତୁର ଭୂମିରେ ପୂର୍ବ ଓ ଉତ୍ତର ପଟେ ବେଶୀ ସ୍ଥାନ ଛାଡ଼ିବାକୁ ପଡ଼େ । ସୂର୍ଯ୍ୟକିରଣ ପାଇଁ ପୂର୍ବେ ଚାରି ପଟରେ ନିର୍ମାଣ କରି ମଧ୍ୟରେ ଅଗଣା ରଖାଯାଉଥିଲା । ଯାହା ବାହାର ଓ ଭିତର ଉଭୟ ପଟରେ ସୂର୍ଯ୍ୟ କିରଣ ଘରେ ପଡୁଥିଲା । ଏବେ ଅଗଣା ମଧ୍ୟ ନାହିଁ । କ୍ଷେତ୍ରର ଚୌକର ମଧ୍ୟ ସ୍ଥାନକୁ ବ୍ରହ୍ମସ୍ଥାନ କୁହାଯାଏ । ଏ ସ୍ଥାନରେ ସିଡ଼ିଘର, କାନ୍ଥ, ଖମ୍ବ ରଖିଲେ ଗୃହ ବାସିନ୍ଦାଙ୍କର ବହୁ ପ୍ରକାର କ୍ଷତି ହୁଏ । ଏ ସମୟରେ ଗ୍ୟାସ ସିଲିଣ୍ଡର ରଖି ଗୃହରେ ରୋଷେଇ ହେଉଛି ଏଣୁ ଅଗ୍ନୀକୋଣରେ ରୋଷେଇ ଘର କରାଯିବା ଦରକାର । ପୂର୍ବେ ଦେଇପିଣ୍ଡି ଘର ଈଶାନରେ କରାଯାଇ ବାହାରେ ରୋଷେଇ କରି ସେ ଘରେ ରୋଷେଇ ଅନ୍ନ ରଖାଯାଉଥିଲା । କେବଳ ଦିଅଁଙ୍କ ପାଇଁ ରୋଷେଇ ପର୍ବ ପର୍ବାଣୀରେ କରାଯାଉଥିଲା ହେଲେ କାଠ ଚୁଲୀରେ ଏହା ହେଉଥିଲା । ଦେଇପିଣ୍ଡି ଘରୁ ବରକନ୍ୟାଙ୍କର ଅନୁକୂଳ କୌଣସି ବିଦେଶ ଯିବା ଯାତ୍ରାର ଅନୁକୂଳ କରାଯାଏ । ବିବାହିତ ନବବଧୂ ଗୃହ ପ୍ରବେଶରେ ପ୍ରଥମେ ଦେଇପିଣ୍ଡିରେ ପ୍ରବେଶ କରି କୁଳ ଦେବତାଙ୍କୁ ପ୍ରଣାମ କରି କିଛି କ୍ଷଣ ବସିବା ବ୍ୟବସ୍ଥା ରହିଛି । ଏବେ ଭୋଜନକୁ ବଡ଼ ଘର, ବୈଠକ ଖାନାରେ ବଡ଼ଘର, ଶୟନ ଘର ବଡ଼ ମାତ୍ର ଭଜନ ସତସଙ୍ଗ ଠାକୁର ଘରକୁ ଛୋଟଘର । ଏକତ୍ର ସନ୍ଧ୍ୟା କାଳରେ ଗୃହର ଲୋକମାନେ ଏକତ୍ର ହୋଇ ପ୍ରାର୍ଥନା କରୁନାହାଁନ୍ତି । ଠାକୁର ଘର ଅର୍ଥ ସ୍ୱର୍ଗର ଦେବ ନିବାସର ଅଂଶ । ଏହାର ଶୁଦ୍ଧତା ସ୍ୱଚ୍ଛତା ନିୟମରେ ରଖିବା କଥା । ରୋଷେଇ ଘର ପାଖକୁ ପାଇଖାନା ପାଖକୁ ଠାକୁରଘର କେବେ ରଖିବା କଥାନୁହଁ । ଯେଉଁ ଠାକୁର ଘରେ ଧୂପକାଠି, ଝୁଣା କର୍ପୂର ଆଦି ଧୂପ ଦିଆଯାଉଛି ସେଠାରେ ଦୁର୍ଗନ୍ଧ ପରିବେଶ ଶୁଖୁଆ ପୋଡ଼ା ସଢ଼ାମାଛ ଭଜା, ଅଣ୍ଡା ଆମଲେଟ ପ୍ରସ୍ତୁତି ମାଂସ ମାଛ ତରକାରୀ କଷାର ବାସ୍ନା ଆସିଲେ ସେଥିରେ ଦେବତା ତୃପ୍ତି ରହିବେ କି? ସେମାନେ ଅଦୃଶ୍ୟ ହେଲେବି ଧରାଯାଏ ସେମାନେ ବାସନା ଭୋଗୀ । ପାଇଖାନା ଏବେ ଶୟନଗୃହକୁ ଲାଗୁଛି । ଘରର ମଧ୍ୟକୁ ମୁହଁ କରି ରହୁଛି । ଏଥିରେ ମୂତ୍ର, ଦୁର୍ଗନ୍ଧରେ ଲୋକ ଉପରେ ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଇପାରେ । ଦୁର୍ଗନ୍ଧ, ପଚାଗନ୍ଧ ପ୍ରେତ ଭୂତଙ୍କର ପ୍ରିୟ ବୋଲି ଗୁଣିଆମାନେ ଏପରି ଅତୁଆ ବାଳର ଧୂପ ପ୍ରେତଭୂତ ଗ୍ରସ୍ତଙ୍କ ମୁହଁରେ ଲଗାନ୍ତି । ଦୁର୍ଗନ୍ଧହରା ଗୃହ ଦେବସ୍ଥାନ ସର୍ବଦା ହିତକର । ଏହା କେବଳ ଭୂତ ପ୍ରେତ ନୁହଁ ଭୂତାଣୁ ନାଶକାରୀ କୀଟାଣୁ ନାଶକାରୀ ହୋଇଥାଏ । ମଶା, ମାଛି, ଅସରପା ସବୁଘରର ସମସ୍ୟା ଏହା ଝୁଣା, ଲୋବନ ଗୁଗୁଳ ଶୁଖିଲା ନିମ୍ବପତ୍ର କମଳାଚୋପାର ଧୂପ ଦ୍ୱାରା ଦୂରୀଭୂତ ହେବା ସଙ୍ଗେ ସଙ୍ଗେ ଗୃହକୁ ସୁବାସିତ ରଖେ । ଗ୍ରାମ ଦେବତା ମାର୍ଜନାରେ ଚୂନା ମଥାଘଷା, ହଳଦୀ, ଚନ୍ଦନ, ସିନ୍ଦୂର ଲାଗେ । ଏଠାରେ ଶୁଣା ଧୂପ କର୍ପୂର ଆଳତି କରାଯାଏ । ଶଙ୍ଖନାଦ ଘଣ୍ଟନାଦ ଢ଼ୋଲନାଦ କରାଯାଏ ଯାହା ପାଖ ଭୂମିର ଅନେକ ଅନେକ ପତଙ୍ଗ ଝିଣ୍ଟିକା ପଙ୍ଗପାଳ ଶସ୍ୟକ୍ଷେତ୍ର ନାଶକାରୀ ପୋକ ଦୂରେଇ ଯାଆନ୍ତି । ସର୍ପ ଚକ୍ଷୁଶ୍ରବା ତା ଚକ୍ଷୁରେ ସେ ଏହି ନାଦ ସହ୍ୟ କରିପାରେ ନାହିଁ ଓ ଚୂଆର ଗନ୍ଧ ଓ ହଳଦୀର ବାସ୍ନା ସହ୍ୟ କରିପାରେନାହିଁ । ପ୍ରବଳ ଭାବରେ ଏବେ ଅତର ବ୍ୟବହାର ବଢ଼ିଛି ଶସ୍ତା କୃତ୍ରିମ ଅତର ସ୍ପିରିଟ ଯୁକ୍ତ ଲୋକେ ଯୁବକ ଗୋଷ୍ଠୀର ସ୍ୱେଦଜ ଦୁର୍ଗନ୍ଧ ନାଶ ପାଇଁ ଶରୀରରେ ସ୍ପ୍ରେ କରୁଛନ୍ତି ବାସ୍ନା ସାବୁନ ଲଗାଉଛନ୍ତି । ଘରର ନାରୀ ହଳଦୀ ବ୍ୟବହାର ଭୁଲିଗଲେଣି । ଗାତ୍ର ହରିଦ୍ରା ବାଡୁଅ ପାଣି ଗାଧୁଆ ଏକ ବିଶେଷ ଅନୁଷ୍ଠାନ ବିବାହରେ ଅଛି । ଯହିଁରେ ଝିଅମାନେ ଏ ହଳଦୀ ଲଗା ଏଠାରୁ ଶାଶୁଘରେ ହଳଦୀ ବଟା କ୍ରିୟା ଶିକ୍ଷାକରି ପ୍ରତିଦିନ ବା ବ୍ରତପୂଜାରେ ଲଗାନ୍ତି । ଏସବୁ ପ୍ରତି ବସ୍ତୁର ଆନୁସଙ୍ଗିକ ଜିନିଷ । କୃତ୍ରିମରେ ଭାସିଗଲେ ସତ୍ୟ ଦୂରତା ବଢ଼ୁଛି । ଉତ୍ତମ ବାସ୍ତୁବିତ୍ତଙ୍କ ଦ୍ୱାରା ପ୍ରତି ନିର୍ମାଣ ବା ବଡ଼ବଡ଼ ଦ୍ରବ୍ୟ ଗୃହର ଅବସ୍ଥାନ ପାଇଁ ପରାମର୍ଶ ଦରକାର । ଏମାନେ ବାସ୍ତୁ ପାଇଁ ପରାମର୍ଶଦାତା ପୁରୋହିତ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ସଂକ୍ରାମକ ହେପାଟାଇଟିସ୍ : ବିଜ୍ଞାପିତ ରୋଗ

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି ଯେ ରାଜ୍ୟରେ ହେପାଟାଇଟିସ ବି ଓ ହେପାଟାଇଟିସ ସି ଏକ ବୃହତ ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି ଓ ଏହା ଏକ ରୋଗ ରକ୍ତବାହିତ ରୋଗ ହୋଇଥିବାରୁ ଏହାକୁ ଏକ ନୋଟିଫାୟବଲ (ବିଜ୍ଞାପିତ ରୋଗ) ଅଟେ । ତେଣୁ ସମସ୍ତ ସରକାରୀ, ଘରୋଇ, ଏଜିଓ କ୍ଷେତ୍ରରେ ରୋଗୀଙ୍କ ପରୀକ୍ଷା ଚିକିତ୍ସା ହେଉଥିଲେ ଏ ନେଇ ସମସ୍ତ ସମ୍ପର୍କିତ ତଥ୍ୟ ଜିଲ୍ଲା ତଥା ରାଜ୍ୟର ସର୍ଭେଲାନ୍ସ ଅଧିକାରୀଙ୍କୁ ଜଣାଯିବ । ସୂଚନାଥାଉକି ହେପାଟାଇଟିସ ସିକୁ ସଠିକ ସମୟରେ ତନିମାସ ପାଇଁ ଚିକିତ୍ସା କରାଗଲେ ତାହା ଭଲ ହୋଇପାରିବ ମାତ୍ର ହେପାଟାଇଟିସ ବି ପାଇଁ ଜୀବନବ୍ୟାପୀ ଚିକିତ୍ସା ଦରକାର । ତେବେ ଡାଇଗ୍ନୋସିସର ଅଭାବ ପାଇଁ ଯକୃତ ନଷ୍ଟ ଓ ହେପାଟୋ ସେଲ୍ୟୁଲାର କାର୍ସିନୋମା ବା ଯକୃତ କର୍କଟ ଦେଖାଦେଉଛି । ରାଜ୍ୟରେ ଏହି ଦୁଇ ରୋଗକୁ ହ୍ରାସ କରିବାକୁ ହେଲେ ଧାର୍ଯ୍ୟ ସମୟରେ ଆବଶ୍ୟକ ତଥ୍ୟ ସହିତ ପ୍ଲାନିଂ ଓ ଇଣ୍ଟରଭେସନର ଆବଶ୍ୟକତା ରହିଛି । ସୂଚନା ଥାଉକି ଗତ ବର୍ଷ ସ୍ୱାସ୍ଥ୍ୟ ବିଭାଗ କର୍କଟ ରୋଗକୁ ଏକ ନୋଟିଫାଏବୁଲ ରୋଗ ଭାବେ ଘୋଷଣା କରିଥିଲେ । ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ୍ୟ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦରୀ ଏବଂ ଯକୃତ କର୍କଟ ରୋଗ ମଧ୍ୟ ସୃଷ୍ଟି କରିପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ଅନ୍ୟ ଲୋକମାନେ ମଧ୍ୟ ସଂକ୍ରମିତ ହୋଇଥାନ୍ତି । ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ, ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ, ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିଥାଏ ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ଭୂତାଣୁ ବ୍ୟାପିଥାଏ । ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ 'ବି'ର ବାହକ । ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ 'ବି' ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି । ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଇତ୍ୟାଦି ଦେଶରେ ହେପାଟାଇଟିସ୍ 'ବି'ର ବାହକ ସାଧାରଣତଃ କମ୍ (୦.୧-୨%) । ଜାପାନ, ଭାରତ, ସିଙ୍ଗାପୁର ଓ ଭୂମଧ୍ୟ ସାଗରୀୟ ଅଞ୍ଚଳରେ ୩-୫% ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ । ଦକ୍ଷିଣ ପୂର୍ବ ଏସିଆ, ଚାଇନା ଓ ଆଫ୍ରିକା ମହାଦେଶରେ ୮ରୁ ୧୨% ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ ଅଟନ୍ତି ।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି ।

ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୂନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ । ହେପାଟାଇଟିସ୍ 'ବି' ଏଡ୍ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ ଯେଉଁ ପ୍ରକାରର ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇଅଛି ତାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବନାହିଁ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।

ପ୍ରଫେସର, ହେପାଟାଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭




# ଜନ୍ମଦିନରେ 'କେକ୍' କାଟିବା ଆମ ସଂସ୍କୃତିର ପରିପନ୍ଥୀ

ପିଲାମାନଙ୍କର ଜନ୍ମଦିନ ପାଳନ ଆଜିକାଲିର ବାପା-ମା'ମାନଙ୍କ ପାଇଁ ଏକ ନିଶା ହୋଇଯାଇଛି। ଏହା ମଧ୍ୟ ପରିବାର-ପରିବାର ମଧ୍ୟରେ ଏକ ପ୍ରତିଯୋଗିତାର ମନୋଭାବ ସୃଷ୍ଟି କରୁଛି। ବର୍ତ୍ତମାନ ଖାଲି ଜନ୍ମଦିନ ନୁହେଁ ଏକଉସିଆ, ଅନ୍ନପ୍ରାସନ୍ନ ଏବଂ ଚୁଟିପକା ମଧ୍ୟ ଖୁବ୍ ଜାକଯମକର ସହିତ ପାଳନ କରାଯାଉଛି। ଏହା କିଛି ଖରାପ କଥା ନୁହେଁ। କିନ୍ତୁ ଏହା ପ୍ରତିଯୋଗିତାର ରୂପ ନେବା ଶୁଭଙ୍କର ନୁହେଁ। ବାପା-ମା-ପରିବାର ଏହା ଆନନ୍ଦର ସହିତ ପାଳନ କରୁଛନ୍ତି କିନ୍ତୁ କଷ୍ଟ ପାଉଛନ୍ତି ପଡ଼ୋଶୀ ଏବଂ ପରିଚିତ ଲୋକମାନେ। ଯଦି ଖୁବ୍ ଗଭୀରକୁ ପ୍ରବେଶ କରି ଏହି ପାଳନର ପ୍ରକୃତ ଉଦ୍ଦେଶ୍ୟକୁ ବୁଝିବା, ଏହା ଉତ୍ସବ ପାଳନ ନୁହେଁ - ଏହା ଏକ ବେପାର। ଏ ବେପାର କେଉଁଠି ଟଙ୍କାର ତ କେଉଁଠି ଆତ୍ମ ପ୍ରଶସ୍ତିର କିମ୍ବା ଅହଙ୍କାରର। କିଛିବର୍ଷ ଆଗରୁ ପିଲାଟିଏ ଜନ୍ମନେଲେ ଖୁସିରେ ଏକଉସିଆ ପାଳନ କରି, ଘରେ ନାରାୟଣ ପୂଜାଟିଏ କରାଯାଉଥିଲା। କିଛି ବାପ-ମା' ଜନ୍ମଦିନ ପାଳନ କରୁଥିଲେ ମନ୍ଦିରକୁ ଯାଇ, ସେଠାରେ ଶ୍ରୀଫଳଟିଏ ଠାକୁରଙ୍କ ପାଖରେ ପିଟି ପିଲାର ଶୁଭ ମନାସୁଥିଲେ। ସମୟ ବଦଳିଗଲା ଏବଂ ଏହି ସବୁ ଉତ୍ସବ ପାଳନ ବିବାହ - ବ୍ରତର ରୂପ ନେଲା।

ବର୍ତ୍ତମାନ ସମାଜରେ ବୃଦ୍ଧ ପିତା-ମାତାମାନେ ଖୁବ୍ ନିର୍ଯ୍ୟାତିତ ନିଜର ପିଲାମାନଙ୍କ ଦ୍ୱାରା। ପିଲାମାନଙ୍କର ବାପା-ମା'ଙ୍କ ପ୍ରତି ନ୍ୟୂନତମ ସମ୍ମାନବୋଧ ମଧ୍ୟ ନାହିଁ। ଏପରିକି କେଉଁ ପୁଅ ବାପା-ମା'ଙ୍କୁ ପିଟି ପିଟି ମାରିଦେଲେଣି ତ କେଉଁପୁଅ ବୃଦ୍ଧ ବାପା-ମା'ଙ୍କୁ ଛାଡ଼ି ପଳେଇ ଗଲେଣି। ଏହିସବୁ ଖବର ପ୍ରତିଦିନ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି। ଆମେ ପିଲାମାନଙ୍କର ଯେତେ ନିକଟତର ହେବାକୁ ଚେଷ୍ଟା କରୁଛୁ - ପିଲାମାନଙ୍କର ଯେତେ ମଂଗଳ ଓ ଉନ୍ନତି କାମନା କରୁଛୁ, ସେମାନେ ଆମ୍ଭମାନଙ୍କଠାରୁ ସେତେ ଦୂରେଇ ଯାଉଛନ୍ତି। ଯେତେବେଳେ ଜନ୍ମଦିନ ପାଳନ କେବଳ ମନ୍ଦିରମାନଙ୍କରେ ସୀମୀତ ଥିଲା, ସେତେବେଳେ ପିଲାମାନେ ବାପା-ମା'ଙ୍କୁ ନିଜର ମନେକରୁଥିଲେ-ଭଲ ପାଉଥିଲେ-ସମ୍ମାନ ଦେଉଥିଲେ। ଆମ୍ଭମାନଙ୍କ ପରି ପିଲାମାନେ ମଧ୍ୟ ବେପାର ଆରମ୍ଭ କରି ଦେଲେଣି। ନ କରିବେ ବା କାହିଁକି ! ଏହି ବେପାର ତ ସେମାନେ ଆମ୍ଭମାନଙ୍କଠାରୁ ଶିଖିଛନ୍ତି। ପ୍ରତ୍ୟେକ କାର୍ଯ୍ୟର ଗୋଟେ ସୁଦୂରପ୍ରସାରୀ ପ୍ରଭାବ ଥାଏ। ଆଜି ଯାହା ଆମ୍ଭେମାନେ ଭଲ ଭାବି କରୁଛନ୍ତି କାଲି ତାହା ଭେଲ ପ୍ରମାଣିତ ହେଉଛି। ଜନ୍ମଦିନରେ ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ଠିକ୍ କଥା, କିନ୍ତୁ ଏହାକୁ ପାଳନ କରି ଅହଙ୍କାର ପ୍ରଦର୍ଶନ କରିବା, ଆଦୌ ଠିକ୍ ନୁହେଁ। ଆମର ଏ ଅହଙ୍କାର ପିଲାମାନଙ୍କୁ କୁପଥଗାମୀ କରାଉଛି। ଯାହାଫଳରେ ସେମାନେ ବାପା-ମା'ଙ୍କୁ ନିଜର ନଭାବି ଅହଙ୍କାରକୁ ନିଜର ମନେକରୁଛନ୍ତି।

ଏହି ଜନ୍ମଦିନ ସବୁ ବେପାର କିମ୍ବା ଅହଙ୍କାରର ପ୍ରଦର୍ଶନ ଦିନ ହେବା ଆଗରୁ, ପିଲାଟିଏ ଜନ୍ମ ହେଲେ ବାପା-ମା'ମାନେ ନାରୟଣ ପୂଜା କିମ୍ବା ପଞ୍ଚାନନ ମେଳାଟିଏ କରାଇ, ତା'ର ସୁଖ-ସମୃଦ୍ଧି କାମନା କରିବା ସଙ୍ଗେ ସଙ୍ଗେ ଦୀପ ଦାନ କରୁଥିଲେ। ଦୀପ ଦାନ ବା ଯଜ୍ଞ ଆମ ଭାରତୀୟ ସଂସ୍କୃତିର ଏକ ମହନୀୟ ପରମ୍ପରା। ଆମ ସଂସ୍କୃତିରେ ଦୀପ ପ୍ରଜ୍ୱଳନ ଏକ ବିଧି। ଯଦି କୌଣସି କାରଣରୁ ଦୀପଟି ଲଭିଯାଉଥିଲା। ତାହାକୁ ଏକ ଅଶୁଭ ସୂଚନା ରୂପେ ଗ୍ରହଣ କରାଯାଉଥିଲା। କିନ୍ତୁ ଆଜିର ଏ ଅପସଂସ୍କୃତିପ୍ରେମୀ ବାପା-ମା'ମାନେ ଦୀପଟିକୁ ଲିଭାଇ ଜନ୍ମଦିନ ପାଳନ କରୁଛନ୍ତି। ଯେଉଁମାନେ ନିଜର ସଂସ୍କୃତିକୁ ଚିହ୍ନିପାରୁନାହାଁନ୍ତି ସେମାନଙ୍କଠାରୁ କିଛି ବି ଆଶା କରାଯାଇପାରେନା। ଗୋଟେ ଜନ୍ମଦିନ ଉତ୍ସବରେ ମୁଁ ନିଜେ ଉପସ୍ଥିତ ଥାଇ ଦେଖିଛି ଯେତେବେଳେ 'କେକ୍' କଟାଯାଇ ଦୀପ (ମହମବତୀ) ଲିଭାଗଲା, ସେଠାରେ ଉପସ୍ଥିତ ସମସ୍ତେ "ହେପି ବାର୍ଥ ଡେ" କହି ଆନନ୍ଦରେ ତାଳି ମାରିଲେ। ସେହିମାନଙ୍କର ଏହି ତାଳି ମୋ ଛାତିରେ ହାତୁଡ଼ି ପିଟାର କଷ୍ଟ ଦେଉଥିଲା। ଏ କଷ୍ଟ ଆହୁରି ତୀବ୍ର ହେଲା ଯେତେବେଳେ ସେଠାରେ ଉପସ୍ଥିତ ଦୁଇଜଣ ବୃଦ୍ଧ ଖୁସିରେ ଆତ୍ମହରା ହୋଇ ତାଳି ମାରିଲେ। ଏ ପର୍ବ ଶେଷ ହେବା ପରେ ମୁଁ ସେହି ବୃଦ୍ଧ ଦୁଇଜଣଙ୍କ ମଧ୍ୟରୁ ଜଣକୁ ଡାକି କହିଲି, ଏପରି ଅପସଂସ୍କୃତିକୁ ଆଜିର ଉଦ୍ଧତ ଯୁବ ସମାଜ ଗ୍ରହଣ କରିନେଇପାରେ, ଏଥିରେ କିଛି ନୂତନତା ନଥାଇପାରେ; କିନ୍ତୁ ଆପଣଙ୍କ ପରି ବୟସ୍କ ବ୍ୟକ୍ତିମାନେ ଏହାକୁ ଗ୍ରହଣ କରିନେବାଟା ଠିକ୍ ହେଲା କି? ତାଙ୍କର ଉତ୍ତର ମୋତେ ଅଧିକ ବ୍ୟଥିତ କଲା। ସେ କହିଲେ ତୁମେ ପାଠଶାଠ ପଢ଼ି ଖୁବ୍ ତଳେ ରହିଗଲ। ସେତେବେଳେ ମୁଁ ଭାବୁଥିଲି ସତରେ କ'ଣ ମୁଁ ଏତେ ତଳେ ଅଛି ! ଏ ପ୍ରଶ୍ନର ଉତ୍ତର ମୁଁ ନିଜେ ମଧ୍ୟ ପାଇନଥିଲି। ଯଦିବି ସତରେ ତଳେ ଥାଏ ତେବେ ମୋର ସେହି ତଳ ହିଁ ଦରକାର। ଉପରକୁ ଯିବା ଆଦୌ ଆବଶ୍ୟକ ନାହିଁ।

କେନ୍ଦୁଝର ଜିଲ୍ଲାର କୌଣସି ଏକ ଗ୍ରାମକୁ ଏହିପରି ଏକ ଜନ୍ମଦିନ ପାଳନ ଉତ୍ସବକୁ ନିମନ୍ତ୍ରିତ ହୋଇ ଯାଇଥିଲି। ସେଠାରେ 'କେକ୍' କଟା ସମୟରେ ଦୀପ କିମ୍ବା ମହମବତୀ ଜଳୁ ନଥିଲା। ଜଳୁଥିଲା ମହମବତୀ ପରି ଦେଖାଯାଉଥିବା ବିଜୁଳିବତୀ। ଏହି ବତୀକୁ ସେମାନେ ପାଟିରେ ଫୁଙ୍କି ଲିଭା ନଯାଇ ଏକ ସୁଇଚ ଦ୍ୱାରା ଲିଭା ଯାଉଥିଲା ଏବଂ ସେଠାରେ ଉପସ୍ଥିତ ସମସ୍ତେ ଖୁସିରେ 'ହେପି ବାର୍ଥ ଡେ' କହି ତାଳି ମାରୁଥିଲେ। ପରେ ମୁଁ ସେହି ପରିବାରର ଜଣଙ୍କୁ ଡାକି ପଚାରିଲି ଦୀପ କିମ୍ବା ମହମବତୀ ପରିବର୍ତ୍ତେ ଆପଣମାନେ ମହମବତୀ ପରି ପ୍ରତୀୟ ହେଉଥିବା ବିଜୁଳିବତୀ ଜାଳୁଥିଲେ କାହିଁକି ? ଉତ୍ତରରେ କହିଲେ ମହମବତୀ କିମ୍ବା ଦୀପକୁ ପାଟିରେ ଫୁଙ୍କି ଲିଭାଇଲେ, ପାଟିରୁ ଛେପ ସବୁ ଯାଇ କେକ୍ ଉପରେ ପଡ଼ିବ, ଯାହାକି ଅଇଁଠା ହୋଇଯିବ। ଏ ପ୍ରକାର ବ୍ୟବସ୍ଥାରେ ପାଟିରେ ଫୁଙ୍କିବା ଦରକାର ପଡ଼ିବ ନାହିଁ, କେବଳ ସୁଇଚ ଟିପିଦେଲେ ସବୁ ଲିଭିଯିବ। ତାଙ୍କର ସେ ପ୍ରକାର ଉତ୍ତର ଶୁଣି ମୁଁ ଭାବୁଥିଲି ଯେଉଁଭାବରେ ବତୀ ଲିଭାଯାଉନା କାହିଁକି, ଏହା କେବଳ ପିଲାଟିର ଅମଙ୍ଗଳ ପାଇଁ ହିଁ ଉଦ୍ଦିଷ୍ଟ। ପିଲାଟିର ମଙ୍ଗଳ କାମନା କରି ଆମ୍ଭେମାନେ ଯେ ତା'ର କେବଳ ଅମଙ୍ଗଳ କରି ଚାଲିଛୁ, ଏହା ଅପ୍ରିୟ ହେଲେ ବି ସତ୍ୟ।

ଏଣୁ ଏହି ଅପସଂସ୍କୃତିକୁ ନେଇ ବଢ଼ି ଉଠିଥିବା ପିଲାମାନେ ସେମାନଙ୍କ ପିତାମାତାଙ୍କୁ ଆମ ସଂସ୍କୃତିରେ ଥିବା 'ପିତୃ ଦେବୋ ଭବଃ' କିମ୍ବା 'ମାତୃ ଦେବୋ ଭବଃ' ଭାବରେ ବିବେଚନା କରିବାର କୌଣସି ଯଥାର୍ଥତା ନାହିଁ। ଆମ୍ଭେମାନେ ନିଜେ ସବୁ ଭୁଲ କରି ଚାଲିଛୁ କିନ୍ତୁ ଦୋଷ ଦେଇ ଚାଲିଛୁ ସମୟକୁ ଆଉ ଆମର ପିଲାମାନଙ୍କୁ। ଜନ୍ମଦିନ କିମ୍ବା ଅନ୍ୟାନ୍ୟ ଉତ୍ସବାଦି ଯାକଜମକରେ ପାଳନ କରିବା ପରିବର୍ତ୍ତେ ଆମ୍ଭେମାନେ ଯଦି ପିଲାମାନଙ୍କୁ ସେମାନଙ୍କର ବିବେକ, ଗୁରୁଜନମାନଙ୍କ ପ୍ରତି ସମ୍ମାନବୋଧ, ବିଚାର ଶକ୍ତି ଏବଂ ହୃଦୟରେ ସମସ୍ତଙ୍କ ପ୍ରତି ଭଲ ପାଇବାର ଆବେଗ ସୃଷ୍ଟି ପାଇଁ ସାମାନ୍ୟତମ ଉଦ୍ୟମ କରନ୍ତେ, କେତେ ଭଲ ହୁଅନ୍ତା ସତରେ !

**କୈଳାଶ ଚନ୍ଦ୍ର ପଣ୍ଡା,** ସମ୍ପାଦକ "ପ୍ରେମ ପୃଥିବୀ", ଭଦ୍ରକ, ମୋ- ୯୪୩୭୩୩୫୧୮୯

# ଫାଶୀ ସଜା ଏବଂ ଅପିଲ୍‌ର ଅଧିକାର

ସୁପ୍ରିମକୋର୍ଟ ନିକଟଅତୀତରେ ଏକ ଐତିହାସିକ ନିଷ୍ପତ୍ତିରେ କହିଛନ୍ତି, ଦୟା ଯାଚିକା ଉପରେ ନିଷ୍ପତ୍ତି ନେବାରେ ବିଳମ୍ବ ଆଧାରରେ ଫାଶୀ ସଜା ଆଜୀବନ କାରାଦଣ୍ଡରେ ବଦଳାଇ ଦିଆଯାଇ ପାରେ। ଏମିତି ମାମଲାରେ ୧୫ଜଣ ଅଭିଯୁକ୍ତଙ୍କ ଫାଶୀ ଦଣ୍ଡ ଆଜୀବନ କାରାଦଣ୍ଡରେ ବଦଳାଇ ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ନିମ୍ନ ଅଦାଲତରେ ଫାଶୀ ସଜା ହେବା ପରେ ଦୋଷୀକୁ କେଉଁ କେଉଁ ସ୍ଥାନରେ ନିବେଦନ କରିବାର ଅଧିକାର ରହିଛି ଏହି ପରିପ୍ରେକ୍ଷୀରେ ଆସନ୍ତୁ ଜାଣିବା।

**ହାଇକୋର୍ଟ କନ୍‌ଫର୍ମ କରେ ଫାଶୀଦଣ୍ଡ :** ଆଇନ ବିଶେଷଜ୍ଞଙ୍କ ମତ ଅନୁଯାୟୀ ହତ୍ୟା, ଦେଶଦ୍ରୋହ ସମେତ ଅନ୍ୟ ଅତ୍ୟନ୍ତ ସଙ୍ଗୀନ ମାମଲା ମଧ୍ୟରୁ ରେୟାରେଷ୍ଟ ଅଫ୍ ରେୟାରକୁ ଫାଶୀ ସଜା ଦିଆଯାଏ। ନିମ୍ନ ଅଦାଲତ ଫାଶୀ ଦଣ୍ଡ ଶୁଣାଇବା ପରେ ଏହି ସଜା କନ୍‌ଫର୍ମ କରିବା ପାଇଁ ଉଚ୍ଚ ଅଦାଲତକୁ ପଠାଯାଏ। ହାଇକୋର୍ଟରେ ଏହି ଦଣ୍ଡ ବିରୋଧରେ ଆବେଦନ କରିବା ପାଇଁ ଦୋଷୀକୁ ଦୁଇମାସ ସମୟ ଦିଆଯାଏ। ଏ ମଧ୍ୟରେ ନିମ୍ନ ଅଦାଲତରୁ ଦଣ୍ଡ ସମ୍ପର୍କରେ ଶେଷ ନିଷ୍ପତ୍ତି ପାଇଁ ହାଇକୋର୍ଟ ପଠାଯାଏ। ହାଇକୋର୍ଟରେ ଫାଶୀ ଦଣ୍ଡ ସମ୍ପର୍କରେ ଶେଷ ନିଷ୍ପତ୍ତି ଏବଂ ଏହା ବିରୋଧରେ ଆବେଦନ ଉଭୟର ନିଷ୍ପତ୍ତି ନିଆଯାଏ। ଯଦି ହାଇକୋର୍ଟ ନିମ୍ନ ଅଦାଲତର ନିଷ୍ପତ୍ତିକୁ କାଏମ୍ ରଖନ୍ତି, ତେବେ ସୁପ୍ରିମକୋର୍ଟରେ ଏହା ବିରୋଧରେ ଅପିଲ ଦାଖଲ କରିବାର ବ୍ୟବସ୍ଥା ରହିଛି।

**ସୁପ୍ରିମକୋର୍ଟ ପାଇଁ ତିନିମାସ ସମୟ:** ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିବା ପାଇଁ ଦୋଷୀକୁ ତିନିମାସ ସମୟ ଦିଆଯାଏ। ଯଦି ସୁପ୍ରିମକୋର୍ଟ ଫାଶୀ ସଜା କାଏମ୍ ରଖନ୍ତି ତେବେ ଦୋଷୀ ରିଭ୍ୟୁ ପିଟିସନ ଦାଖଲ କରିପାରେ। ଯେଉଁ ବେଞ୍ଚ ନିଷ୍ପତ୍ତି ନେଇଛନ୍ତି ସେହି ବେଞ୍ଚରେ ରିଭ୍ୟୁ ପିଟିସନ ଦାଖଲ କରାଯାଏ । ରିଭ୍ୟୁ ପିଟିସନରେ ଦୋଷୀ ଦଣ୍ଡ ବଦଳାଇବା ପାଇଁ ତର୍କ ଉପସ୍ଥାପିତ କରିଥାଏ। ରିଭ୍ୟୁ ପିଟିସନ ଖାରଜ ହୋଇଗଲେ ଦୋଷୀ କ୍ୟୁରେଟିଭ୍ ପିଟିସନ ଦାଖଲ କରିପାରେ। କ୍ୟୁରେଟିଭ୍ ପିଟିସନ ଅଦାଲତଙ୍କ ନିଷ୍ପତ୍ତିର ଆଇନଗତ ତ୍ରୁଟି ଉପରେ ପ୍ରଶ୍ନ ଉଠାଇପାରେ। ଯଦି କୌଣସି ନିଷ୍ପତ୍ତିରେ ଆଇନ୍‌ଗତ ଦିଗ ଦେଖାଯାଇନଥାଏ, ତେବେ କ୍ୟୁରେଟିଭ୍ ପିଟିସନରେ ଏହା ଦର୍ଶାଯାଏ। କ୍ୟୁରେଟିଭ୍ ପିଟିସନ ଏବଂ ରିଭ୍ୟୁ ପିଟିସନ ସାଧାରଣତଃ ଇନ୍‌ଚାମ୍ବର କରାଯାଏ। କିନ୍ତୁ କେତେକ ମାମଲାରେ ଯଦି ଅଦାଲତ ମନେକରନ୍ତି ଏହି ପିଟିସନର ଶୁଣାଣି ମୁକ୍ତ ଅଦାଲତରେ ହୋଇପାରେ, ତେବେ ଖୋଲା ଅଦାଲତରେ ଏହାର ଶୁଣାଣି ହୁଏ। ରିଭ୍ୟୁ ପିଟିସନ ପରେ କ୍ୟୁରେଟିଭ୍ ପିଟିସନ ଖାରଜ ହୋଇଗଲେ ଦୋଷୀ ଦୟା ଯାଚିକା ଦାଖଲ କରିପାରନ୍ତି। ସମ୍ବିଧାନ ଅନୁଚ୍ଛେଦ ୭୨ ଅନୁଯାୟୀ ରାଷ୍ଟ୍ରପତିଙ୍କ ପାଖରେ ଏବଂ ଅନୁଚ୍ଛେଦ ୧୬୧ ଅନୁଯାୟୀ ରାଜ୍ୟପାଳଙ୍କ ପାଖରେ ଦୟା ଯାଚିକା ଦାଖଲ କରାଯାଇପାରେ। ସେ ଚାହିଁଲେ ଦୋଷୀର ଫାଶୀ ସଜାକୁ ଆଜୀବନ କାରାଦଣ୍ଡରେ ବଦଳାଇ ପାରନ୍ତି କିମ୍ବା କ୍ଷମା ପ୍ରଦାନ କରିପାରନ୍ତି। ଏଥିପାଇଁ ରାଷ୍ଟ୍ରପତି ଗୃହ ମନ୍ତ୍ରଣାଳୟରୁ ରିପୋର୍ଟ ମାଗନ୍ତି ଏବଂ କେନ୍ଦ୍ର ସରକାରଙ୍କ ରାୟ ଆଧାରରେ ନିଷ୍ପତ୍ତି ନିଅନ୍ତି।



ସୁପ୍ରିମ୍‌କୋର୍ଟ ନିକଟଅତୀତରେ ଏକ ନିଷ୍ପତ୍ତିରେ କହିଛନ୍ତି, ଯଦି ଦୟା ଯାଚିକା ସଂପର୍କରେ ନିଷ୍ପତ୍ତି ନେବାରେ ବିଳମ୍ବ ହୁଏ ତେବେ ଏହା ଆଧାରରେ ଫାଶୀକୁ ଆଜୀବନ କାରାଦଣ୍ଡରେ ବଦଳାଇ ହେବ। ତେଣୁ କୌଣସି ଦୋଷୀ ଦୟା ଯାଚିକା ଉପରେ ନିଷ୍ପତ୍ତି ନେବାରେ ବିଳମ୍ବ ହୋଇଥିବା ଆଧାରରେ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିପାରନ୍ତି। ସୁପ୍ରିମ୍‌କୋର୍ଟରେ ଏହି ଆବେଦନ ଖାରଜ ହେବା ପରେ ଦୋଷୀକୁ ଫାଶୀ ଦେବା ପାଇଁ ଡେଥ୍ ୱାରେଣ୍ଟ ଜାରି କରାଯାଏ। ଫାଶୀଦଣ୍ଡ ପାଇଥିବା ଦୋଷୀର ଆବେଦନ କୌଣସି ଅଦାଲତରେ ଅଟକି ନଥିଲେ ଏବଂ ଏପରିକି ରାଷ୍ଟ୍ରପତିଙ୍କ ପାଖରେ ଆବେଦନ ଖାରଜ ହୋଇସାରିଥିଲେ ଜେଲ ଅଧୀକ୍ଷକ ଏ ସମ୍ପର୍କରେ ସଂପୃକ୍ତ ନିମ୍ନ ଅଦାଲତକୁ ସୂଚୀତ କରନ୍ତି। ଜେଲ୍ ଅଧିକାରୀ ନିମ୍ନ ଅଦାଲତଙ୍କୁ ଦୋଷୀର ଆଇନଗତ୍ ସ୍ଥିତି ସମ୍ପର୍କରେ ସୂଚନା ଦେବା ସହ ଉକ୍ତ କଏଦୀ ସହ କ'ଣ କରାଯିବ ଏବଂ କେବେ ଫାଶୀ ଦିଆଯିବ ଇତ୍ୟାଦି ପଚାରନ୍ତି। ଏହାପରେ ସଂପୃକ୍ତ ସେସନ୍ସ କୋର୍ଟ ଉକ୍ତ ଦୋଷୀ ନାମରେ ଡେଥ୍ ୱାରେଣ୍ଟ ଜାରି କରନ୍ତି ଏବଂ ସେଥିରେ କଏଦୀକୁ ଫାଶୀ ଦେବାର ତାରିଖ ଏବଂ ସମୟ ସ୍ଥିର କରାଯାଇଥାଏ। ସେହି ତାରିଖ ଏବଂ ସମୟରେ ଫାଶୀ ଦଣ୍ଡ ଦିଆଯାଏ। ବିଶ୍ୱର ଅଧିକାଂଶ ଦେଶ ମୃତ୍ୟୁଦଣ୍ଡ ଉଚ୍ଛେଦ ଦିଗରେ ଆଗେଇଛନ୍ତି। ୧୯୯୦ ମସିହାରୁ ପ୍ରାୟ ପ୍ରତିବର୍ଷ ତିନୋଟି ଦେଶ ମୃତ୍ୟୁଦଣ୍ଡ ଉଚ୍ଛେଦ କରୁଛନ୍ତି। ଆଜି ପର୍ଯ୍ୟନ୍ତ ବିଶ୍ୱର ଦୁଇ ତୃତୀୟାଂଶ ଦେଶ ଫାଶୀ ଦଣ୍ଡ ଉଚ୍ଛେଦ କରିଛନ୍ତି ବା ପ୍ରଚଳନ ବନ୍ଦ କରିଛନ୍ତି। ଏ ମଧ୍ୟରେ ୧୪୦ଟି ଦେଶ ୨୦୧୭ ମସିହା ସୁଦ୍ଧା ଏହି ଦଣ୍ଡ ଉଚ୍ଛେଦ କରିଦେଇଥିଲେ। କିନ୍ତୁ ୨୧ଟି ଦେଶରେ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଛି ଏବଂ ରାୟରେ ଫାଶୀଦଣ୍ଡ ଶୁଣାଯାଇଛି।

**ଯୁଧିଷ୍ଠିର ମହାରଣା**
*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ କଟକ, ଦୂରଭାଷ: ୯୪୩୭୧୬୩୫୨୮*

# ଭଗବତୀ ପାଣିଗ୍ରାହୀଙ୍କ ସ୍ମୃତି ସମାରୋହ

ଭୁବନେଶ୍ୱର (ପିଏନ୍)– ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ଭଗୀରଥ, କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ସମ୍ପାଦକ ତଥା ଓଡ଼ିଆ ସାହିତ୍ୟରେ ମାର୍କ୍ସବାଦୀ ଚିନ୍ତାଧାରାର ଆଦ୍ୟ ପ୍ରବର୍ତ୍ତକ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୭୯ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଆଜି ସନ୍ଧ୍ୟାରେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ପାଳିତ ହୋଇଯାଇଛି।

ବରିଷ୍ଠ ସିପିଆଇ ନେତା ଦିବାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସମାରୋହରେ ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଅଭୟ ସାହୁ, ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ) ନେତା ସୁରେଶ ପାଣିଗ୍ରାହୀ ଓ ସିପିଆଇ (ଏମ.ଏଲ.) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ– ଉତ୍କଳ ଗୌରବ ମଧୁସୁଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସ ଯଥାକ୍ରମେ ଓଡ଼ିଆ ଜାତୀୟତା ଓ ମହାଭାରତୀୟ ଜାତୀୟତାର ଧାରାକୁ ଓଡ଼ିଶାରେ ପ୍ରବାହିତ କରିଥିବାବେଳେ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀ ତାଙ୍କର ଦୁଇ ସହଯୋଗୀ ପ୍ରାଣନାଥ ପଟ୍ଟନାୟକ ଓ ଗୁରୁଚରଣ ପଟ୍ଟନାୟକଙ୍କ ସହ ମିଶି ୧୯୩୬ ମସିହାରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କରି ଶ୍ରେଣୀହୀନ ଓ ଶୋଷଣହୀନ ସମାଜ ଗଠନର ଆନ୍ତର୍ଜାତୀୟତାବାଦର ମନ୍ଦାକିନୀ ଧାରାକୁ ଓଡ଼ିଶା ମାଟିରେ ପ୍ରବାହିତ କରିଥିଲେ ଏବଂ ଏହି ସାମ୍ୟବାଦୀ ସମାଜ ହିଁ ହେଉଛି ମାନବ ଜାତିର ଭବିଷ୍ୟତ ଯାହାକୁ କେହି ଅନ୍ୟଥା କରିପାରିବ ନାହିଁ। ସେମାନେ କହିଥିଲେ–ଯେଉଁ ସାମ୍ପ୍ରଦାୟିକତାବାଦୀମାନେ ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ ନ କରି ଧର୍ମଭିତ୍ତିରେ ଦେଶ ବିଭାଜନ ପାଇଁ ଇଂରେଜ ସରକାରକୁ ସହଯୋଗ କରିଥିଲେ, ସେମାନେ ଆଜି କେନ୍ଦ୍ର କ୍ଷମତାକୁ ଦଖଲ କରି ଧର୍ମୀୟ ମୌଳବାଦ, ସାମ୍ପ୍ରଦାୟିକତା ଓ ଅସହିଷ୍ଣୁତାର ବିଷମଞ୍ଜି ବୁଣି ମହାନ୍ ଭାରତୀୟ ସମାଜର ଏକତା ଓ ଧର୍ମ ନିରପେକ୍ଷତାକୁ ବିପନ୍ନ କରୁଥିବାବେଳେ, ସଂସଦୀୟ ଗଣତନ୍ତ୍ର ଉପରେ ଆକ୍ରମଣ ଚଳାଇଛନ୍ତି। ଏହା ବିରୋଧରେ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ସଂଗ୍ରାମ ଚଳାଇବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ 'ନୂଆ ଦୁନିଆ'ର ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଏଆଇଏସ୍‌ଏଫ୍‌ର ରାଜ୍ୟ ସଭାପତି ସଙ୍ଘମିତ୍ରା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। 'ନୂଆ ଦୁନିଆ'ର ଭଗବତୀ ବିଶେଷାଙ୍କକୁ ବର୍ଷୀୟାନ୍ କମ୍ୟୁନିଷ୍ଟ ନେତା ଓ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ର ଉନ୍ମୋଚନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ସୁର ଜେନା, ଜୟନ୍ତ ଦାସ, ବିଜୟ ଜେନା, ବ୍ରଜବନ୍ଧୁ ପ୍ରଧାନ, ନିକୁଞ୍ଜ ମହାନ୍ତି, ବସନ୍ତ କୁମାର ପାଇକରାୟ, ବିଜୟ ମହାନ୍ତି, ସତୀଶ ମିଶ୍ର ଓ ପ୍ରଫେସର ଧନେଶ୍ୱର ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କୋଣାର୍କରେ ମା' କାଳୀଙ୍କ ପୂଜା



ଭୁବନେଶ୍ୱର (ପିଏନ୍): କୋଣାର୍କସ୍ଥିତ ମା' ଦକ୍ଷିଣକାଳୀଙ୍କ ପୀଠରେ ଗତ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଚାରିଦିନ ବ୍ୟାପୀ ମା' ଶ୍ୟାମାକାଳୀଙ୍କ ପୂଜା ରୀତିନୀତି ଅନୁଯାୟୀ ନିଶାର୍ଦ୍ଧ ପୂଜାର୍ଚ୍ଚନା, ଚଣ୍ଡୀପାଠ ଓ ହୋମଯଜ୍ଞ ମହାସମାରୋହରେ ପାଳିତ ହୋଇଛି। ବିଗତ ୩୯ ବର୍ଷ ଧରି କୋଣାର୍କ କାଳୀପୂଜା କମିଟି ପକ୍ଷରୁ କୋଣାର୍କ ମେଡ଼ିକାଲ ଛକସ୍ଥିତ ମା' ଦକ୍ଷିଣକାଳୀଙ୍କ ପୀଠରେ ମା'ଙ୍କ ପୂଜା କରାଯାଇଆସୁଅଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ମା'ଙ୍କ ପୀଠକୁ ଆଲୋକରେ ସୁସଜ୍ଜିତ କରାଯାଇଛି। ମାଧିପୁର ଗ୍ରାମର ପୂଜକ ଆଲୋକ ପାଢୀଙ୍କ ଦ୍ୱାରା ମା' କାଳୀଙ୍କ ସମସ୍ତ ପୂଜାନୀତି ଚଣ୍ଡୀପାଠ, ନିଶାର୍ଦ୍ଧ ପୂଜାର୍ଚ୍ଚନା କରାଯାଇଥିବା ବେଳେ ସୂର୍ଯ୍ୟନାରାୟଣ ଓ ରବିନାରାୟଣ ସହଯୋଗ କରିଛନ୍ତି। କୋଣାର୍କ ତଥା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମେତ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକମାନେ ମଧ୍ୟ ଏହି କାଳୀମନ୍ଦିରରେ ଉପସ୍ଥିତ ରହି ମା'ଙ୍କୁ ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ଆୟୋଜକ କୋଣାର୍କ କାଳୀପୂଜା କମିଟର ସଭାପତି ଦୁଃଶାସନ ନାୟକ, ଉପଦେଷ୍ଟା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ନୃସିଂହ ନାୟକ, ସଂପାଦକ ସୁଶାନ୍ତ ବେଉରା, କୋଷାଧ୍ୟକ୍ଷ ନିହାରରଞ୍ଜନ ବେଉରା, ସଭ୍ୟ ରମେଶ ଜେନାଙ୍କ ସମେତ ସମସ୍ତ ସଦସ୍ୟଙ୍କ ପ୍ରଚେଷ୍ଟାରେ ମା'ଙ୍କ ପୂଜାନୀତି ପରିଚାଳନା କରାଯାଇଛି। ଏହି ଅବସରରେ ସନ୍ଧ୍ୟାରେ ମା'ଙ୍କ ପୂଜାମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ୨୬ ତାରିଖ ମଧ୍ୟାହ୍ନରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା। ଏତଦବ୍ୟତିତ କାଳୀପୂଜା ଅବସରରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ମଧ୍ୟ ନୂତନ ଖାତା ପୂଜା ଅନୁଷ୍ଠିତ ହୋଇଥିଲା। ଆଲୋକର ପର୍ବ ଦୀପାବଳୀ ଉତ୍ସବକୁ ପାଳନ କରିବା ପାଇଁ ଏଠାରେ ଥିବା ସରକାରୀ, ବେସରକାରୀ କୋଠା ଏବଂ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନଗୁଡିକ ଆଲୋକରେ ସୁସଜ୍ଜିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଶାନ୍ତି ଶୃଙ୍ଖଳାର ସହ ଶ୍ୟାମାକାଳୀଙ୍କୁ ପୂଜାଅର୍ଚ୍ଚନା କରିବା ସହ ମା'ଙ୍କ ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା।

# ଫାଇଭ୍-ଟି ସଚିବଙ୍କ ଦୁଇଦିନିଆ ବଲାଙ୍ଗିର ଗସ୍ତର ଦ୍ୱିତୀୟ ଦିନ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଦୁଇଦିନିଆ ଗସ୍ତର ଦ୍ୱିତୀୟ ଦିନରେ ଆଜି ସକାଳେ ପ୍ରଥମେ ବଲାଙ୍ଗିର ସମଲେଶ୍ୱରୀ ମନ୍ଦିରରେ ମା ଙ୍କ ଦର୍ଶନ କରି ମା ଙ୍କ ଆଶୀର୍ବାଦ ଗ୍ରହଣ କରି ଦିନର ଅନ୍ୟ କାର୍ଯ୍ୟ ଆରମ୍ଭ କରିଥିଲେ ଫାଇଭ୍-ଟି ସଚିବ ଭି.କେ. ପାଣ୍ଡିଆନ। ମନ୍ଦିର ଦର୍ଶନ ପରେ ସେ କହିଥିଲେ ଯେ, ଅତି ଶୀଘ୍ର ଏଠାରେ ମନ୍ଦିରର ଉନ୍ନତିକରଣ କରାଯିବା ସହିତ ମା ପାଟଣେଶ୍ୱରୀ ଓ ଗୋପାଳଜି ମନ୍ଦିର ଯୋଜନା ଅନୁସାରେ ଉନ୍ନତିକରଣ କରାଯିବ । ସ୍ଥାନୀୟ କମିଟି ସହିତ କଥା ହୋଇଛି ସେହି ଅନୁସାରେ ଯୋଜନା ପ୍ରସ୍ତୁତ ହୋଇଥିବା ସେ କହିଥିଲେ। ସେଠାରୁ ସେ ବଲାଙ୍ଗିର ନୂତନ ଓ.ଏସ.ଆର.ଟି.ସି. ବସ୍ ଟର୍ମିନାଲ ପରିଦର୍ଶନ କରି ମିଶନ ଶକ୍ତି ଦ୍ୱାରା ପରିଚାଳିତ କେଫେ କୁ ଯାଇ ସେଠାରେ ତାଙ୍କର କାମ ଦେଖିଥିଲେ। ପରେ କୋଶଳ କଳାମଣ୍ଡଳକୁ ଯାଇ ସେଠାରେ ମିଶନ ଶକ୍ତି ଏସ ଏଚ ଜି ଗୋଷ୍ଠି ଓ ଅନ୍ୟ ଜନସାଧାରଣଙ୍କ ସହିତ ମିଶି ସେମାନଙ୍କ ପାଖରୁ ଅଭିଯୋଗପତ୍ର ଗୁଡ଼ିକ ଗ୍ରହଣ କରି ଉଦବୋଧନ ଦେଇଥିଲେ। ନିଜ ବକ୍ତବ୍ୟରେ ସେ କହିଥିଲେ ଯେ, ଆଜି ସାତ ତାରିଖ ସାତ ଦିନ ଭିତରେ ମନ୍ଦିର ମସଜିଦ ଗିର୍ଜା ସମ୍ପର୍କିତ ଉତର ପାଇବେ, ଅନ୍ୟ ଅଭିଯୋଗ ଗୁଡ଼ିକ ବିଳମ୍ବିତ ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଖୁସିର ଖବର ଦେବେ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ମତେ ପଠାଇଛନ୍ତି, ଆପଣଙ୍କ ସୁଖ ଦୁଃଖ ବୁଝିବାକୁ। ଏହି ଇତିହାସ ପ୍ରସିଦ୍ଧ କୋଶଳ କଳାମଣ୍ଡଳର ଉନ୍ନତିକରଣ କରାଯିବ। ଭଲ ମଂଚ, ପାର୍କିଂ, ପଡିଆର ସମତଳ କରାଯାଇ ଉନ୍ନତି ପାଇଁ ଜିଲ୍ଲାପାଳଙ୍କ ପ୍ରସ୍ତାବ ଅନୁସାରେ ମୁଖ୍ୟମନ୍ତ୍ରୀ ଖୁସିର ଖବର ଦେବେ।ଗତକାଲି ଫାଇଭ୍-ଟି ସଚିବ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ବିଭିନ୍ନ ଗୋଷ୍ଠି, ଛାତ୍ର, ମନ୍ଦିର, ହରିଶଙ୍କର ମିଶନ ଶକ୍ତି କାଫେ, ମନ୍ଦିର ବୁଲି ଦେଖି ଉନ୍ନତିକରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅଜି ସେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଉନ୍ନୟନ କାର୍ଯ୍ୟ ଓ ହେଉଥିବା କାର୍ଯ୍ୟର ସମୀକ୍ଷା କରିଥିଲେ। ଆଜି ମଧ୍ୟାହ୍ନରେ ସେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ଅଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com




# ଅବହେଳିତ ଅବସ୍ଥାରେ ଅଛନ୍ତି ନୂଆଗୁଡା ଗ୍ରାମବାସୀ, ରହିଛି ଅନେକ ମୌଳିକ ସମସ୍ୟା



ନବରଙ୍ଗପୁର,(ପି.ଏନ): ସ୍ୱାଧୀନତାର ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ଆଜିବି ରହିଛି ଲୋକଙ୍କ ମୌଳିକ ସମସ୍ୟା ।ସରକାର ଅନେକ ଯୋଜନା କରୁଛନ୍ତି କିନ୍ତୁ ଲୋକଙ୍କ ପାଖରେ ନ ପହଞ୍ଚିବାରୁ ଲୋକେ ଅସୁବିଧା ର ସମ୍ମୁଖୀନ ହୋଉଥିବା ଦେଖିବାକୁ ମିଳିଛି ।ବିଦ୍ୟାଳୟ ଅଙ୍ଗନବାଡି କେନ୍ଦ୍ର ଅଛି କିନ୍ତୁ ଛାତ୍ରଛାତ୍ରୀ ଙ୍କ ସୁରକ୍ଷା ପାଇଁ ପାଚେରୀ ନାହିଁ , ସଲାର ଦ୍ୱାରା ପାନୀୟଜଳ ର ବ୍ୟବସ୍ଥା ଅଛି ହେଲେ ତାହା ମଧ୍ୟ ଅଚଳ ଅବସ୍ଥାରେ ।ରାସ୍ତା ଅଛି ହେଲେ କାଦୁଅ ପଚ୍ ପଚ୍ ,ଡ୍ରେନେଜର ସୁବିଧା ନାହିଁ, ଏପରି ଅବହେଳିତ ଅବସ୍ଥାରେ ରହିଛନ୍ତି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ପଡାଲଗୁଡା ପଞ୍ଚାୟତ ଅନ୍ତର୍ଗତ ନୂଆଗୁଡା ଗ୍ରାମରେ ।ଏହି ଗାଁରେ ବସବାସ କରନ୍ତି ପ୍ରାୟ ୪୦ ପରିବାର ଓ ୨୦୦ ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ।ଗାଁକୁ ଯିବାକୁ ହେଲେ ଭଲ ରାସ୍ତା ଟିଏ ନାହିଁ, ଅଳ୍ପ ବର୍ଷା ହେଲେ କାଦୁଅ ରାସ୍ତାରେ ଯିବାକୁ ପଡେ । ଛାତ୍ରଛାତ୍ରୀ ଠୁଁ ଆରମ୍ଭ କରି ବଡ଼ ଲୋକଙ୍କ ଯାତାୟାତ ସେହି କାଦୁଅ ରାସ୍ତାରେ ହିଁ କରିଥାନ୍ତି । ନିର୍ବାଚନ ସମୟରେ ହିଁ ନେତା ଙ୍କ ଦେଖା ମିଳେ କିନ୍ତୁ ପରବର୍ତ୍ତୀ ସମୟରେ କାହାର ପାଦ ପଡୁନାହିଁ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ ।ପ୍ରଥମରୁ ପଞ୍ଚମ ଯାଏଁ ବିଦ୍ୟାଳୟ ଅଛି ,୨୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି ।ବିଦ୍ୟାଳୟରେ ପାଚେରୀ ବ୍ୟବସ୍ଥା ନାହିଁ, ଶୌଚାଳୟ ଅଛି କିନ୍ତୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ।ଶିକ୍ଷା ଭିଭାଗୀୟ ଅଧିକାରୀ ମଧ ଦେଖି ମଧ ଚୁପ ରହୁଥିବା କହିଛନ୍ତି ଗାଁ ଲୋକେ ।ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପାଖରେ ଅଛି ,ସାମ୍ନାରେ ଗବର ଗଦା ରହିଛି ,ଫଳରେ ଦୁର୍ଗନ୍ଧରେ ବିଦ୍ୟାଳୟ ପରିସର ଫାଟି ପଡୁଛି । ୪୦ ପରିବାରକୁ ଗୋଟେ ନଳକୂପ ଓ ସଲ୍ଲାର ପାନୀୟଜଳ ,କିନ୍ତୁ ସଲାର ଅଚଳ ହେବା ଫଳରେ ପିଇବା ପାଣି ପାଇଁ ବହୁତ ଅସୁବିଧା । ଆବର୍ଜନା ପାଣି ହୋଉକି ବର୍ଷା ପାଣି ଯିବାକୁ ହେଲେ ଡ୍ରେନେଜର ବ୍ୟବସ୍ଥା ମଧ ନାହିଁ ।ସମସ୍ତ ଆବର୍ଜନା ପାଣି ସାହିର ମୁଖ୍ୟ ରାସ୍ତାରେ ହିଁ ବହି ଯାଉଥିବା ଦେଖିବାକୁ ମିଳିଛି ।ପ୍ରତ୍ୟେକ ଗ୍ରାମରେ ଡ୍ରେନେଜର ସୁବିଧା ଥିବାବେଳେ ଏହି ଗାଁରେ କିନ୍ତୁ ଏହି ସୁବିଧା ନାହିଁ ।ଆମେ ଜନପ୍ରତିନିଧି ଭୋଟ ଦେଇ ନିର୍ବାଚିତ କରୁ କିନ୍ତୁ ଆମ ଏହି ସମସ୍ୟା ଦୂର କରିବାକୁ କେହି ବି ଆସୁ ନ ଥିବା ଓ କହିଲେ ବି ଶୁଣୁ ନ ଥିବା କହିଛନ୍ତି ଗ୍ରାମବାସୀ । ନନ୍ଦାହାଣ୍ଡି ବିଡ଼ିଓଙ୍କୁ ମଧ ଲିଖିତ ଆକାରରେ ଜଣାଇଥିଲୁ କିନ୍ତୁ ସେ ମଧ ଆସି ନ ଥିବା କହିଥିଲେ ଗ୍ରାମବାସୀ ।ଏନେଇ ବିଡ଼ିଓ କ୍ଷୀରଦ ଚନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିବାରୁ କହିଲେ ଏହି ଦୁଇ ଦିନ ମଧ୍ୟରେ ଯାଇ ସେହି ଗ୍ରାମର ସମସ୍ୟା ବିଷୟରେ ଆଲୋଚ଼ନା କରିବି କହିଛନ୍ତି।

# ରୟାଲ ଷ୍ଟାଗ୍ ବୁମ୍‌ବକ୍ସ ପକ୍ଷରୁ ଏହାର ୨ୟ ଓରିଜିନାଲ ଟ୍ରାକ୍ 'ହୁଡି' ଉନ୍ମୋଚିତ

ଭୁବନେଶ୍ୱର,(ପି.ଏନ): ଭାୟକମ୍୧୮ ସହ ସହଭାଗିତାରେ ରୟାଲ ଷ୍ଟାଗ୍ ବୁମ୍‌ବକ୍ସ ଏକ ସମ୍ପୂର୍ଣ୍ଣ ନୂଆ ଜେନର୍‌ର ସଙ୍ଗୀତ ଆଣିବା ପାଇଁ ପ୍ରସ୍ତୁତ ହୋଇଛି ଯେଉଁଠାରେ ବଲିଉଡ୍‌ର ମେଲୋଡି, ହିପ୍‌ହପ୍‌କୁ ଭେଟିଛି ଏବଂ ଜେନେରେଶନ ଲାର୍ଜର ଓରିଜିନାଲ ସାଉଣ୍ଡ ସୃଷ୍ଟି କରୁଛି। 'ଲିଭିଙ୍ଗ୍ ଇଟ୍ ଲାର୍ଜ'ର ଉତ୍ସାହକୁ ପାଳନ କରି ଏବଂ ମଣିପାଲ, ଭୁବନେଶ୍ୱର, ପୁନେ, ଇନ୍ଦୋର ଓ ଡେହରାଡୁନ୍ ଆଦି ନିଜର ସ୍ୱତନ୍ତ୍ର ଅନ୍-ଗ୍ରାଉଣ୍ଡ ଅନୁଭୂତିଗୁଡିକ ସହିତ ହଜାର ହଜାର ସଙ୍ଗୀତପ୍ରେମୀଙ୍କୁ ରୋମାଂଚିତ କରି ରୟାଲ ଷ୍ଟାଗ୍ ବୁମ୍‌ବକ୍ସ ୪ଟି ଓରିଜିନାଲ ମ୍ୟୁଜିକ୍ ଟ୍ରାକ୍‌ର ଶୁଭାରମ୍ଭ ସହିତ ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛି। ଏହି ନୂଆ ଗୀତ 'ହୁଡି' ହେଉଛି ବଲିଉଡ୍ ଓ ହିପ୍‌ହପ୍‌ର ଏକ ସ୍ୱତନ୍ତ୍ର ମିଶ୍ରଣ, ଯାହାକୁ ଦୁଇ ଜଣ କଳାକାରୀଙ୍କ ଅଭିନୀତ ଏକ ମଜାଦାର ମ୍ୟୁଜିକ୍ ଭିଡିଓ ସହିତ ସମ୍ପୂର୍ଣ୍ଣ କରାଯାଇଛି। ଏହା ହେଉଛ ଏକ ଆନନ୍ଦଦାୟକ ସଙ୍ଗୀତ ଯାହା ଏକ ଅନନ୍ୟ ସଙ୍ଗୀତଜ୍ଞ ଶୈଳୀରେ କଳାକାରଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଉପସ୍ଥାପନାକୁ ଚିତ୍ରଣ କରୁଛି ଯାହା ଆଜିର ଯୁବପିଢିଙ୍କୁ ପ୍ରତିଫଳନ କରୁଛି। ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ସ୍ୱତନ୍ତ୍ର ଡିଜିଟାଲ ଫର୍ମାଟ୍‌ର ଅଂଶ ଭାବେ ବିଭିନ୍ନ ପ୍ଲାଟ୍‌ଫର୍ମରେ ରିଲିଜ୍ ହେବାକୁଥିବା ୪ଟି ଓରିଜିନାଲ ମେଲୋଡି ଓ ହିପ୍‌ହପ୍ ମ୍ୟୁଜିକ୍ ଟ୍ରାକ୍‌ଗୁଡିକ ମଧ୍ୟରୁ ଏହା ୨ୟ ଅଟେ ।ଏହି ଗୀତର ରିଲିଜ୍ ସମ୍ପର୍କରେ ର୍‌ୟାପର୍ ବାଲି କହିଛନ୍ତି, ' ଏହା ହେଉଛି ଭାରତରେ ହିପ୍‌ହପ୍ ପାଇଁ ଏକ ଉତ୍ସାହଜନକ ସମୟ। ଏହା ଦେଖିବା ଖୁବ୍ ଆନନ୍ଦଦାୟକ ଯେ, ରୟାଲ ଷ୍ଟାଗ୍ କେବଳ ଏହି ସଙ୍ଗୀତର ରୂପକୁ ସେଲିବ୍ରେଟ୍ କରୁନାହିଁ ବରଂ ହିପ୍‌ହପ୍ ଓ ମେଲୋଡିର ଏକ ସ୍ୱତନ୍ତ୍ର ସମ୍ମିଶ୍ରଣ ସୃଷ୍ଟି କରୁଛି ଯାହା ନିଶ୍ଚିତ ରୂପେ ଭାରତର ସଙ୍ଗୀତ ପ୍ରେମୀଙ୍କ ସହ ପୁନଃପ୍ରତିରୂପିତ ହେବ। ନିକିତା ଗାନ୍ଧୀଙ୍କ ସହିତ 'ହୁଡି'ର ନିର୍ମାଣ କରି ମୁଁ ଖୁବ୍ ମଜା କରିଛି।' ସେହିପରି ନିକିତା ଗାନ୍ଧୀ କହିଛନ୍ତି, 'ରୟାଲ ଷ୍ଟାଗ୍ ବୁମ୍‌ବକ୍ସ ସହିତ ବଲିଉଡ୍ ଓ ହିପ୍‌ହପ୍‌ର ଏକ ସୁନ୍ଦର ମିଶ୍ରଣ ସହ ସଙ୍ଗୀତର ଏକ ନୂଆ ଜେନର୍ ସୃଷ୍ଟି କରିବାର ବିଚାର ମୋତେ ତତ୍‌କ୍ଷଣାତ୍ ଉତ୍ସାହିତ କରିଥିଲା । ବାଲିଙ୍କ ସହ ମୋର ନୂଆ ଗୀତ 'ହୁଡି' ଏକ ସୁନ୍ଦର ଆନ୍ଥେମ୍ ଅଟେ ଏବଂ ମୁଁ ନିଶ୍ଚିତ ଯେ, ଏହା ଯୁବପିଢିଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବ।' ହିପ୍‌ହପ୍ ଭଳି କଂଟେମ୍ପରାରୀ ଜେନର୍‌ଗୁଡିକ ବର୍ଦ୍ଧିତ ରୂପେ ଲୋକପ୍ରିୟ ହେବାରେ ଲାଗିଥିବା ବେଳେ ବଲିଉଡ୍ ମେଲୋଡି ଯୁବପିଢିଙ୍କ ସାଂସ୍କୃତିକ ପରିବେଶର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି। ରୟାଲ ଷ୍ଟାଗ୍ ବୁମ୍‌ବକ୍ସ ଏହି ପିଢିର କଳ୍ପନାରେ ତରଙ୍ଗ ସୃଷ୍ଟି କରିବା, ସେମାନେ ଶୁଣୁଥିବା ବଲିଉଡ୍ ସଙ୍ଗୀତଗୁଡିକୁ ସେମାନଙ୍କ ସହ କଥା ହେଉଥିବା ଜେନର୍ ହିପ୍‌ହପ୍ ସହିତ ସମ୍ମିଶ୍ରଣ କରିବାକୁ ଲକ୍ଷ୍ୟ ରଖିଛି। ଏହି ୨ୟ ଗୀତ 'ହୁଡି' ଏବେ ରୟାଲ ଷ୍ଟାଗ୍ ଲିଭ୍ ଇଟ୍ ଲାର୍ଜ ୟୁଟ୍ୟୁବ୍ ଚ୍ୟାନେଲ ଓ ସମସ୍ତ ପ୍ରମୁଖ ଅଡିଓ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମଗୁଡିକରେ ଲାଇଭ୍ ରହିଛି।

# ଯଶୁଆପୁର ଉଚ୍ଚ ବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ

ବାଲିଅନ୍ତା,(ପି.ଏନ) : ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଯଶୁଆପୁର ସ୍ଥିତ ଯଶୁଆପୁର ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସୀତା କୁମାରୀ ଦେଈଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ସ୍ୱାସ୍ଥ୍ୟ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶିକା ଡଃ ସଂଘମିତ୍ରା ପତି ଯୋଗଦେଇଥିବା ବେଳେ ଉଦଘାଟକ ଭାବେ ଜୟଦେବ ବିଧାୟକ ଡଃ ଅରବିନ୍ଦ ଢ଼ାଲି ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ମାରଫେଡର ଅଧକ୍ଷା ଶୁଶ୍ରୀ କବିତା ମଞ୍ଜରୀ ପରିଡ଼ା , ବିଜେଡି ମୁଖପାତ୍ର ଇପ୍ସିତା ସାହୁ , ଉତ୍କଳିକାର ଅଧକ୍ଷା ଦେବସ୍ମିତା ଦାସ , ଶିକ୍ଷାବିତ ସିଦ୍ଧେଶ୍ୱର ମହାନ୍ତି , ସମାଜସେବୀ ଅମିୟବାଳା ପରିଡ଼ା , ସମାଜସେବୀ ନିବେଦିତା ଲେଙ୍କା , ଯୁବ ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି, ଆଦର୍ଶ ଶିକ୍ଷକ ନାରାୟଣ ବେହେରା , ବିଦ୍ୟାଳୟ ପରିଚ଼ାଳନା କମିଟି ସଭାପତି ଉମାକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ମାନଙ୍କର ଅଧ୍ୟୟନ ଏବଂ ଭବିଷ୍ୟତ ଲକ୍ଷ୍ୟ ପୁରଣ ବାବଦରେ ଉଭୟ ବିଦ୍ୟାର୍ଥୀ ଓ ଶିକ୍ଷକ ମାନେ ଧ୍ୟାନ ଦେବାକୁ ଅତିଥି ବୃନ୍ଦ ନିଜ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ । ଏହି ଅବସରରେ ବିଦ୍ୟାର୍ଥୀ ମାନଙ୍କୁ ଟେଷ୍ଟ ପେପର ଏବଂ ବ୍ୟାଗ ପ୍ରଦାନ କରାଯାଇ ବିଭିନ୍ନ କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଉମାଦେଇବହ୍ମପୁରର ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର ଅତିଥିମାନଙ୍କ ପରିଚ୍ୟ ପ୍ରଦାନ କରିଥିବା ବେଳେ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ମଞ୍ଚ ପରିଚ଼ାଳନା କରିଥିଲେ । ତପନ କୁମାର ମେକାପ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡିଶାର ପ୍ରଥମ ଭେଗାନ୍ ୟୁଥ୍ କ୍ଲାଇମେଟ୍ କନ୍‌ଫରେନ୍ସ : ଏକ ସବୁଜ ଭବିଷ୍ୟତ ପାଇଁ ଏକତ୍ରିତ କରିଛି

ଭୁବନେଶ୍ୱର,(ପି.ଏନ): ଆମେ ଓଡିଶାର ପ୍ରଥମ ଭେଗାନ୍ ୟୁଥ୍ କ୍ଲାଇମେଟ୍ କନ୍‌ଫରେନ୍ସ, 'ଓଡିଶା କନ୍‌ଫରେନ୍ସ ଅଫ୍ ୟୁଥ୍ (ଓସିଓୱାଇ)ର ଘୋଷଣା କରି ଉତ୍ସାହିତ ଅଛୁ, ଏହା ହେଉଛି ଏକ ପରିବର୍ତ୍ତନଶୀଳ କାର୍ଯ୍ୟକ୍ରମ ଯାହା ଯୁବପିଢିଙ୍କୁ ଭେଗାନିଜିମ୍ ଓ ସ୍ଥାୟୀ ଜୀବନ ବଂଚିବାର ପରିଦୃଶ୍ୟ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନକୁ ସମ୍ବୋଧିତ କରିବା ପାଇଁ ଯୁବପିଢିଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ୟୁଥ୍‌୪ୱାଟର ପ୍ଲସ୍ ଓ ଆନିମଲ କ୍ଲାଇମେଟ୍ ଏବଂ ହେଲ୍‌ଥ ସେଭ୍ ଫାଉଣ୍ଡେଶନ, ପ୍ଲାଂଟ୍ ବେସ୍‌ଡ ଟ୍ରିଟି ସମେତ ଅନ୍ୟାନ୍ୟ ସହଯୋଗୀ ଯେପରିକି ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍‌ଆଣ୍ଡସିସି), ୱାଇ୨୦, ଜି୨୦, ୟୁନିସେଫ୍, ୟୁଏନ୍ ଇଣ୍ଡିଆ, ଆନିମଲ ସେଭ୍ ଇଣ୍ଡିଆ, ଫୋର୍ସ, ସାତ୍ୱିକ ସୋଲ୍ ଫାଉଣ୍ଡେଶନ, ୟୁଥ୍ ଫର୍ ସଷ୍ଟେନେବିଲିଟି, ପିଏଏନ୍‌ଟିଆଇଏସ୍‌ଏସ୍, କ୍ଲାଇମେଟ୍‌ଆକ୍ଟ, ଆଇଏଫ୍‌ଆଇ, ଓଡିଶା ଲାଇଭ୍, ଆସ୍‌ଜା, ଅନ୍ତରଙ୍ଗ ଓ ବିପିଇ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀ ଏଆଇସି-ଏନ୍‌ଆଇଟିଏଫ୍ ଭୁବନେଶ୍ୱରରେ ଆସନ୍ତା ଅଗଷ୍ଟ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ଏବଂ ଏହା ଏହି ପରିବର୍ତ୍ତନଶୀଳ ସମାବେଶରେ ଯୋଗ ଦେବା ପାଇଁ ସମସ୍ତ ବର୍ଗର ଯୁବପିଢିଙ୍କୁ ଆମନ୍ତ୍ରିତ କରିଛି ।ଭେଗାନ ୟୁଥ୍ କ୍ଲାଇମେଟ୍ କନ୍‌ଫରେନ୍ସ ଏକ ସ୍ୱତନ୍ତ୍ର ପ୍ଲାଟ୍‌ଫର୍ମ ସୃଷ୍ଟି କରିବାକୁ ଚାହୁଁଛି ଯେଉଁଠାରେ ଯୁବପିଢି ଭେଗାନିଜିମ୍ ଓ କ୍ଲାଇମେଟ୍ ଆକ୍ସନ ମଧ୍ୟରେ ଶକ୍ତିଶାଳୀ ସଂଯୋଗକୁ ଆବିଷ୍କାର କରିପାରିବେ। ଏକ ପ୍ଲାଂଟ୍-ବେସ୍‌ଡ ବା ଉଦ୍ଭିଦ-ଭିତିକ ଜୀବନଶୈଳୀକୁ ଆପଣାଇ ଅଂଶଗ୍ରହଣକାରୀମାନେ କିଭଳି ସେମାନଙ୍କର ଆହାର ବା ଖାଦ୍ୟ ପସନ୍ଦ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା, ଜୈବବିବିଧତାକୁ ସଂରକ୍ଷିତ ରଖି ଓ ଭବିଷ୍ୟତ ପିଢି ପାଇଁ ପୃଥିବୀକୁ ସୁରକ୍ଷିତ ରଖିବାରେ ଯୋଗଦାନ ଦେଇପାରିବ ତାହା ଜାଣିବାକୁ ପାଇବେ। ଭେଗାନ ୟୁଥ୍ କ୍ଲାଇମେଟ୍ କନ୍‌ଫରେନ୍ସର ପ୍ରମୁଖ ହାଇଲାଇଟ୍‌ଗୁଡିକ ମଧ୍ୟରେ ସାମିଲ ରହିଛି: କ୍ଲାଇମେଟ୍-ଭେଗାନ ସଂଯୋଜିତ ଗୋଷ୍ଠୀ ଉପରେ ବିଶେଷଜ୍ଞଙ୍କ ତଥ୍ୟ: ପରିବେଶ ବିଜ୍ଞାନ, ଜଳବାୟୁ ସକ୍ରିୟତା ଓ ସ୍ଥାୟୀ କୃଷି କ୍ଷେତ୍ରର ପ୍ରତିଷ୍ଠିତ ବକ୍ତାମାନେ ପଶୁପାଳନର ପରିବେଶୀୟ ପ୍ରଭାବ ଏବଂ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ କରିବା କ୍ଷେତ୍ରରେ ଭେଗାନିଜିମ୍‌ର ଭୂମିକା ଉପରେ ପ୍ରମାଣ-ଆଧାରିତ ଅନୁସନ୍ଧାନ ଓ ତଥ୍ୟ ଉପସ୍ଥାପନ କରିବେ। ପ୍ୟାନେଲ ଆଲୋଚନା ଓ କର୍ମଶାଳା: ନିୟୋଜିତ ପ୍ୟାନେଲ ଆଲୋଚନା ଜଳବାୟୁ ପରିବର୍ତ୍ତନ, ଜୈବବିବିଧତାର କ୍ଷତି ଓ ପଶୁ କଲ୍ୟାଣର ସଂଯୋଗ ଉପରେ ଗୁରୁତ୍ୱ ଦେବେ କର୍ମଶାଳାଗୁଡିକ ଏକ ଭେଗାନ୍ ଜୀବନଶୈଳୀ ଆପଣାଇବା, ବର୍ଜ୍ୟବସ୍ତୁ ହ୍ରାସ କରିବା ଓ ପରିବେଶ-ସଚେତନ ନିଷ୍ପତି ନେବା ଉପରେ ପରାମର୍ଶ ଓ ସୂଚନା ପ୍ରଦାନ କରିବ ।ଯୁବ-ନେତୃତ୍ୱାଧୀନ ଜଳବାୟୁ ଅଭିଯାନ: ଏହି ସମ୍ମିଳନୀ ପ୍ରେରଣାଦାୟକ ଯୁବ-ନେତୃତ୍ୱାଧୀନ ଅଭିଯାନଗୁଡିକୁ ପ୍ରଦର୍ଶିତ କରିବ ଯାହା ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢିବା କ୍ଷେତ୍ରରେ ଏକ ଭିନ୍ନତା ସୃଷ୍ଟି କରୁଛି। ଯୁବ ଜଳବାୟୁ କାର୍ଯ୍ୟକର୍ତ୍ତା, ପକ୍ଷ ଉପସ୍ଥାପନକାରୀ ଓ ଉଦ୍ୟୋଗୀମାନେ ସାର୍ଥକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଜର କାହାଣୀ, ଆହ୍ୱାନ ଓ ସଫଳତାକୁ ସେୟାର କରିବା ସହିତ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବେ।

# ଶାହଙ୍କ ଓଡ଼ିଶା ଗସ୍ତ ଦ୍ୱାରା ଆଗାମୀ ବିଧାନସଭା ନିର୍ବାଚନରେ ଭାଜପା ବିଜୟୀ ହେବା ସୁନିଶ୍ଚିତ

ଭୁବନେଶ୍ୱର,(ପି.ଏନ): ଆଗାମୀ ଲୋକସଭା ନିର୍ବାଚନ ଏବଂ ଓଡ଼ିଶା ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ସୁନିଶ୍ଚିତ କରିବା ନିମନ୍ତେ ଦଳର ବରିଷ୍ଠ ନେତା ତଥା ନିର୍ବାଚନ ରଣନୀତିକାର ଅମିତ ଶାହ ମୈଦାନକୁ ଓହ୍ଲାଇ ସାରିଛନ୍ତି। ଭାରତୀୟ ରାଜନୀତିରେ ନିର୍ବାଚନର ସମ୍ପୂର୍ଣ୍ଣ ସମୀକରଣକୁ ବଦଳାଇ ଦେଇପାରୁଥିବା ଶ୍ରୀ ଶାହଙ୍କର ନିର୍ବାଚନୀ ପ୍ରସ୍ତୁତି କାରଣରୁ ଭାଜପାକୁ ସବୁ ସମୟରେ ବିଜୟ ମିଳୁଛି ଏବଂ ଆଜି ଭାଜପା ଦୁନିଆଁର ସବୁଠାରୁ ବଡ ରାଜନୈତିକ ଦଳ ହୋଇଛି। କୁଶଳୀ ପ୍ରବନ୍ଧନକାରୀ ଅମିତ ଶାହାଙ୍କର କର୍ମନିଷ୍ଠତା ଦେଶବ୍ୟାପୀ ପଦ୍ମ ଫୁଟିବା କାମ କରିଛି। ଶ୍ରୀ ଶାହଙ୍କ ଉପସ୍ଥିତି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଓ ଶକ୍ତି ଭରିଦେଉଛି। ଅମିତ ଶାହଙ୍କ ମାର୍ଗଦର୍ଶନରେ ୨୦୧୯ ନିର୍ବାଚନରେ ଓଡ଼ିଶାରେ ଭାଜପାର ଲୋକସଭା ଓ ବିଧାନସଭା ଆସନ ସଂଖ୍ୟାରେ ବୃଦ୍ଧି ଘଟିଥିଲା, ଯାହା ୨୦୨୪ ନିର୍ବାଚନରେ ରେକର୍ଡ ପ୍ରଦର୍ଶନ କରି ଆସନ ସଂଖ୍ୟା ବୃଦ୍ଧି କରିବାକୁ ପ୍ରୋତ୍ସାହିତ କରିଛି। କେନ୍ଦ୍ର ଗୃହ ଓ ସହକାରିତା ମନ୍ତ୍ରୀ ଅମିତ ଶାହ ଶନିବାର ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ୭୬୧ କୋଟି ଟଙ୍କା ବ୍ୟୟରେ କାମାକ୍ଷାନଗର-ଡୁବୁରୀ ଅଂଶ ଚାରିଲେନ୍ ପ୍ରଶସ୍ତିକରଣ କାର୍ଯ୍ୟର ଲୋକାର୍ପଣ ଏବଂ ୩୪ କୋଟି ଟଙ୍କା ବ୍ୟୟରେ ମୋଟେରରୁ ବନେର ପର୍ଯ୍ୟନ୍ତ ଲଡୁଗାଁଉ ଦେଇ ଯିବାକୁ ଥିବା ରାସ୍ତା ପ୍ରଶସ୍ତିକରଣର ଶିଳାନ୍ୟାସ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଶ୍ରୀ ଶାହ କହିଥିଲେ ଯେ, ବିଗତ ୯ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବ୍ୟାପୀ ରାଜପଥ ବିକାଶ ନିମନ୍ତେ ଅନେକ କାମ କରିଛନ୍ତି, କାରଣ ଭିତ୍ତିଭୂମି ବିକାଶ ବ୍ୟତୀତ ଦେଶର ବିକାଶ ସମ୍ଭବ ହୋଇପାରିବ ନାହିଁ। ରାଜପଥ ନିର୍ମାଣ ଦ୍ୱାରା ଦେଶରେ ଆର୍ଥିକ କାର୍ଯ୍ୟକଳାପ ତ୍ୱରାନ୍ୱିତ ହେବ। ଗୋଟିଏ ସମୟରେ ଓଡ଼ିଶା ନକ୍ସଲ କାର୍ଯ୍ୟକଳାପରେ ପ୍ରଭାବିତ ଥିଲା, କିନ୍ତୁ ଆଜି ନକ୍ସଲ କାର୍ଯ୍ୟକଳାପକୁ ରୋକିବା ନିମନ୍ତେ ସଫଳ ପ୍ରୟାସ କରାଯାଉଛି ଏବଂ ତାହାର ପରିଣାମ ଦେଶ ସମ୍ମୁଖରେ ରହିଛି ।ନ୍ତ ରାଷ୍ଟ୍ରୀୟ ରାଜପଥ ପରିଯୋଜନା ଉଦ୍‌ଘାଟନ ଏବଂ ଶିଳାନ୍ୟାସ ଅବସରରେ ଶ୍ରୀ ଶାହଙ୍କର ଏହି ପ୍ରୟାସ ସମସ୍ତ ରାଜନୈତିକ ଦଳକୁ ଏହି ବାର୍ତ୍ତା ମଧ୍ୟ ଦେଇଛି ଯେ, ଆମେ ରାଜନୈତିକ ଦୃଷ୍ଟିକୋଣରୁ ବିରୋଧୀ ହୋଇଥାଇପାରେ, କିନ୍ତୁ ବ୍ୟକ୍ତିଗତ ଭାବରେ ବିରୋଧୀ ନୋହୁ ।କାର୍ଯ୍ୟକ୍ରମ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ମଞ୍ଚରେ ଉପସ୍ଥିତ ରହିଛି ଅମିତ ଶାହଙ୍କୁ ଓଡ଼ିଶା ସରକାରଙ୍କ ସଫଳତାର କଥା ବର୍ଣ୍ଣନା କରିଥିଲେ। ସେହି ସମୟରେ ନବୀନ ପଟନାୟକ ମଧ୍ୟ ସହଯୋଗ ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ। ଅମିତ ଶାହଙ୍କ ଓଡ଼ିଶା ଗସ୍ତ କେନ୍ଦ୍ରସ୍ତରରେ ଭାଜପା ଏବଂ ବିଜେଡି ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ନେଇ ଚର୍ଚ୍ଚା ବଢାଇ ଦେଇଛି। ସମ୍ପ୍ରତି ନବୀନ ପଟନାୟକଙ୍କ ନେତୃତ୍ୱାଧୀନ ବିଜୁ ଜନତା ଦଳ (ବିଜେଡି) ଦିଲ୍ଲୀ ସେବା ବିଧେୟକକୁ ଗୃହୀତ କରାଇବାରେ କେନ୍ଦ୍ର ସରକାରଙ୍କୁ ପୂର୍ଣ୍ଣ ସମର୍ଥନ ଦେବା ସକାଶେ ଘୋଷଣା କରିଥିଲେ। ତତ୍‌ସହିତ ବିଜେଡି ସଂସଦରେ ବିରୋଧୀ ଦଳଗୁଡିକ ପକ୍ଷରୁ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ବିରୋଧରେ ଭୋଟ ଦେବାକୁ ମଧ୍ୟ ଘୋଷଣା କରିଛି। ଏହି ଘୋଷଣାର ତୁରନ୍ତ ପରେ ପରେ ଶ୍ରୀ ଶାହଙ୍କର ଓଡ଼ିଶା ଗସ୍ତରୁ ରାଜନୈତିକ ସ୍ତରରେ ଏବେ ଚର୍ଚ୍ଚା ଚାଲିଛି ଯେ ଭାଜପା ଏବଂ ବିଜେଡି ମଧ୍ୟରେ ମେଣ୍ଟ ହେବାକୁ ଯାଉଛି ।ଓଡ଼ିଶା ଗସ୍ତ ସମୟରେ ଶ୍ରୀ ଶାହ ଦଳର କାର୍ଯ୍ୟକର୍ତ୍ତା ଏବଂ ରାଜ୍ୟର ନେତୃବୃନ୍ଦଙ୍କ ସହିତ ବୈଠକ କରିଥିଲେ ଏବଂ ନିର୍ବାଚନରେ ବିଜୟ ମନ୍ତ୍ର ଦେଇ ଦୁଇଗୁଣ ଉତ୍ସାହର ସହିତ ନିର୍ବାଚନୀ ପ୍ରସ୍ତୁତି ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ କହିଥିଲେ। ଭାଜପାରେ ମୋଦୀଜୀଙ୍କ ପରେ ଦ୍ୱିତୀୟ ସର୍ବାଧିକ ଶକ୍ତିଶାଳୀ ନେତା ଅମିତ ଶାହଙ୍କର ଓଡ଼ିଶା ଗସ୍ତ ଦ୍ୱାରା ଆଗାମୀ ନିର୍ବାଚନରେ ଭାଜପାର ବିଜୟ ସୁନିଶ୍ଚିତ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Wednesday August 09, 2023 ଭୁବନେଶ୍ବର ବୁଧବାର, ଅଗଷ୍ଟ ୦୯,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ନାବେଟ୍ କ୍ୟୁସିଆଇ ର୍ୟାଙ୍କିଂ-୨୦୨୩ : କିଟ୍ ପଲିଟେକ୍ନିକ ଲଗାତର ରାଜ୍ୟରେ ପ୍ରଥମ

ଭୁବନେଶ୍ୱର,(ପି.ଏନ): କ୍ୱାଲିଟି କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (କ୍ୟୁସିଆଇ)ର ନ୍ୟାସ୍‌ନାଲ୍ ଆକ୍ରିଡିଟେସନ୍ ବୋର୍ଡ ଫର ଏଜୁକେସନ୍ ଆଣ୍ଡ ଟ୍ରେନିଂ (ନାବେଟ୍) କ୍ୟୁସିଆଇ ର୍ୟାଙ୍କିଂ ୨୦୨୩ରେ ଉଭୟ ସରକାରୀ ଓ ବେସରକାରୀସ୍ତରରେ କିଟ୍ ପଲିଟେକ୍‌ନିକ୍ ଲଗାତର ଭାବେ ଦ୍ୱିତୀୟ ବର୍ଷ ପାଇଁ ଓଡ଼ିଶାର ପ୍ରଥମ ସ୍ଥାନ ଅଧିକାର କରିଛି। ଆଜି ରାଜ୍ୟ ବୈଷୟିକ ଶିକ୍ଷା ପରିଷଦ ମୁଖ୍ୟାଳୟଠାରେ ରାଜ୍ୟ କୌଶଳ ବିକାଶ, ବୈଷୟିକ ଶିକ୍ଷା ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଦ୍ୱାରା ର୍ୟାଙ୍କିଂରେ ସ୍ଥାନ ପାଇଥିବା ଅନୁଷ୍ଠାନଗୁଡ଼ିକର ନାମ ଘୋଷଣା କରାଯାଇଥିଲା। ଏହି ର୍ୟାଙ୍କିଂରେ କିଟ୍ ସର୍ବାଧିକ ୫୮୧ ରଖି ପ୍ରଥମ ସ୍ଥାନ ହାସଲ କରିଛି। ୭ଟି ମାନଦଣ୍ଡକୁ ଆଧାର କରି ଏହି ର୍ୟାଙ୍କିଂ କରାଯାଇଥିଲା। ଏଥିରେ ରାଜ୍ୟର ଉଭୟ ସରକାରୀ ଓ ବେସରକାରୀ ଶହେଟି ପଲିଟେକ୍‌ନିକ୍ ଅଂଶ ଗ୍ରହଣ କରିଥିଲେ। ସଂପ୍ରତି ଗୁଣାତ୍ମକ ଶିକ୍ଷା ଓ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ଉପରେ ରାଜ୍ୟ ସରକାର ସର୍ବାଧିକ ପ୍ରାଧାନ୍ୟ ଦେଇଆସୁଥିବା ବେଳେ ଗୁଣାତ୍ମକ ପଲିଟେକ୍‌ନିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ବାଛିବା ପାଇଁ ଉଭୟ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ନେଇ ୨୦୨୨ରେ ପ୍ରଥମ ଥର ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ନାବେଟ୍ କ୍ୟୁସିଆଇ ର୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଗତବର୍ଷ ମଧ୍ୟ ନାବେଟ୍ କ୍ୟୁସିଆଇ ର୍ୟାଙ୍କିଙ୍ଗ୍‌ରେ କିଟ୍ ପଲିଟେକ୍‌ନିକ୍ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ପଲିଟେକ୍‌ନିକଗୁଡିକ ମଧ୍ୟରେ ପ୍ରଥମ ସ୍ଥାନରେ ରହି ଶ୍ରେଷ୍ଠ ପଲିଟେକ୍‌ନିକ ଭାବେ ମନୋନୀତ ହୋଇଥିଲା। କ୍ୟୁସିଆଇ-ନାବେଟ୍ ଏବଂ ଷ୍ଟେଟ୍ କାଉନ୍‌ସିଲ୍ ଫର ଟେକ୍‌ନିକାଲ୍ ଏଜୁକେସନ୍ ଓ ଭୋକେସନାଲ୍ ଟ୍ରେନିଂ ପକ୍ଷରୁ ଓଡ଼ିଶାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ପଲିଟେକ୍‌ନିକ ଶିକ୍ଷାନୁଷ୍ଠାନର ପୁଙ୍ଖାନୁପୁଙ୍ଖ ତର୍ଜମା ପରେ ଏହି ର୍ୟାଙ୍କିଂ ପ୍ରଦାନ କରାଯାଇଛି। ଗୌରବର ବିଷୟ କିଟ୍ ପଲିଟେକ୍‌ନିକ୍ ସମସ୍ତ ସରକାରୀ ଓ ବେସରକାରୀ ପଲିଟେକ୍‌ନିକ୍ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିଛି। ଏହି ଖବରରେ କିଟ୍ ପଲିଟେକ୍‌ନିକ୍‌ର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। କିଟ୍ ପଲିଟେକ୍‌ନିକ୍ ଏକ ବେସରକାରୀ ଅନୁଷ୍ଠାନ ହୋଇଥିବା ସତ୍ତ୍ୱେ ଉଭୟ ସରକାରୀ ଓ ବେସରକାରୀ ପଲିଟେକ୍‌ନିକ୍ ଅନୁଷ୍ଠାନକୁ ଅତିକ୍ରମ କରି ପ୍ରଥମ ସ୍ଥାନରେ ରହିପାରିଛି। ଏଥିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ କିଟ୍ ପଲିଟେକ୍‌ନିକର ଅଧ୍ୟକ୍ଷ ଡ. ତନ୍ମୟ ମହାନ୍ତି, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା କେବଳ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ସମ୍ଭବ ହୋଇଛି ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି। କିଟ୍ ପଲିଟେକ୍‌ନିକ ବାସ୍ତବିକ ଏକ ଉଚ୍ଚ ମାନର ପଲିଟେକ୍‌ନିକ୍। ଏଠାରେ ଗୁଣାତ୍ମକ ଶିକ୍ଷା ସହିତ ଉଚ୍ଚଶିକ୍ଷା ଓ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇଁ ସର୍ବଦା ପ୍ରାଧାନ୍ୟ ଦିଆଯାଇଥାଏ।




## ପାରିବାରିକ କଳହର କରୁଣ ପରିଣତି- ମହାନଦୀକୁ ଡେଇଁଲେ ମହିଳା-ମତ୍ସ୍ୟଜୀବୀଙ୍କ ଦ୍ୱାରା ଉଦ୍ଧାର

ପାରାଦୀପ,(ପି.ଏନ): ପାରାଦୀପ ନିକଟସ୍ଥ ମହାନଦୀର ଭୁତମୁଣ୍ଡାଇ ପୋଲ ଉପରୁ ଜନୈକ ମହିଳା ମଙ୍ଗଳବାର ଦିନ ଡେଇଁ ପଡିଥିଲେ । ପରେ ମତ୍ସ୍ୟଜୀବୀମାନେ ସମ୍ପୃକ୍ତା ମହିଳାଙ୍କୁ ମହାନଦୀ ମୁହାଣ ନିକଟରୁ ଉଦ୍ଧାର କରିଥିବା ଜଣାପଡିଛି । ଘଟଣାରୁପ୍ରକାଶଯେ, ପାରାଦୀପ ଲକ୍ ଥାନା ଅ'ର୍ଗତ ଭୁତମୁଣ୍ଡାଇ ଅଂଚଳର ଜନୈକା ମହିଳା ମଙ୍ଗଳବାର ଦିନ ପୂର୍ବାହ୍ଣରେ ଭୁତମୁଣ୍ଡାଇ ପୋଲ ଉପରକୁ ଆସିଥିଲେ। ହଠାତ୍ ମହିଳା ଜଣକ ଭରା ନଈକୁ ଡେଇଁ ପଡିଥିଲେ। ମହାନଦୀରେ ବନ୍ୟା ପାଣି ଥିବାରୁ ନଦୀ ଜଳର ସ୍ରୋତ ଅଧିକ ଥିଲେ । ବନ୍ୟା ଜଳର ପ୍ରଖର ସୁଅରେ ମହିଳା ଜଣକ ପ୍ରାୟ ୮ କିଲୋମିଟର ଦୂରରେ ଥିବା ପାରାଦୀପ ନେହେରୁ ବଙ୍ଗଳା ପର୍ଯ୍ୟ' ଭାସି ଆସିଥିଲେ । ମହାନଦୀ ମୁହାଣ ନିକଟରେ ଥିବା ମତ୍ସ୍ୟଜୀବୀମାନେ ଏହି ମହିଳାଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡିଛି । ତେବେ ପାରିବାରିକ କଳହରୁ ମହିଳା ଜଣକ ଆତ୍ମହତ୍ୟା ଉଦ୍ୟମ କରିଥିବା ସୂଚନା ମିଳିଛି ।

# ଓଡ଼ିଶା ଉଠା ଜଳସେଚନ କର୍ମଚାରୀଙ୍କ ପେନସନ୍ ସମସ୍ୟା ସମାଧାନ ପାଇଁ ଉଚ୍ଚସ୍ତରୀୟ ବୈଠକ



ଭୁବନେଶ୍ୱର, (ପି.ଏନ) : ଓଡ଼ିଶା ଉଠା ଜଳସେଚନ ନିଗମ କର୍ମଚାରୀମାନଙ୍କର ସମସ୍ତ ବକେୟା ପେନସନ ଓ ତତ୍‌ସମ୍ବନ୍ଧୀୟ ପ୍ରାପ୍ୟ ଆଗାମୀ ୪ ମାସ ମଧ୍ୟରେ ସମାଧାନ କରାଯିବ ବୋଲି ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ଶ୍ରମ ବିଭାଗର ମୁଖ୍ୟ ଶାସନ ସଚୀବ ଆର. ସନ୍ଥ ଗୋପାଳନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଗତ ୨୦୦୩ ମସିହାରୁ ଅଦ୍ୟାବଧି ୯୧୪୫ କର୍ମଚାରୀ ଅବସର ନେଇଥିବାବେଳେ ସେମାନଙ୍କ ମଧ୍ୟରୁ ୭୨୫୮ ଜଣ ପେନସନ ପାଇସାରିଛନ୍ତି। ଅବଶିଷ୍ଟ କର୍ମଚାରୀଙ୍କ ମଧ୍ୟରେ ୪୪୦ ଜଣଙ୍କର ପେନସନ୍ ବାବଦକୁ ଅର୍ଥର ପରିମାଣ କମ୍ ଥିବାରୁ ସେମାନେ ପେନସନ ପାଇପାରି ନାହାନ୍ତି। ପ୍ରାୟ ୧୩୭ ଜଣଙ୍କ ପେନସନ ବାବଦ ଆବେଦନ ପତ୍ରର ବିଚାର କରାଯାଇନାହିଁ। ସେହିପରି ମୃତ୍ୟୁ କର୍ମଚାରୀମାନଙ୍କ ବିଧବା ପତ୍ନୀମାନଙ୍କୁ ପେନସନ ପ୍ରଦାନରେ ଅହେତୁକ ବିଳମ୍ବ ହୋଇଛି। ଓଡ଼ିଶା ଉଠା ଜଳସେଚନ ନିଗମ ଓ ଭବିଷ୍ୟନିଧି ପାଣ୍ଠି କର୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟର ଅଭାବ ହେତୁ ଏହି ସମସ୍ୟାଗୁଡ଼ିକ ସମାଧାନ ହୋଇପାରୁନଥିବାରୁ ବୈଠକରେ ମତପ୍ରକାଶ ପାଇଥିଲା। ଓଡ଼ିଶା ଉଠା ଜଳସେଚନ କର୍ମକଚାରୀ ଫେଡ଼େରେସନର ସଭାପତି, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ଓ ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଂଟିଆ ଅନୁରୋଧ କ୍ରମେ ଏହି ଉଚ୍ଚସ୍ତରୀୟ ବୈଠକ ଆହ୍ୱାନ କରାଯାଇଥିଲା। ତେଣୁ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଏ ସମସ୍ତ ସମସ୍ୟାର ସମାଧାନ ପାଇଁ ଶ୍ରମ ବିଭାଗର ଶାସନ ସଚୀବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଅପରାହ୍ଣରେ ଖାରବେଳ ଭବନର ଶ୍ରମ ସଚୀବଙ୍କ ସଭା ଗୃହରେ ଅନୁଷ୍ଠିତ ବୈଠକରେ ଶ୍ରମ ସଚୀବ, ଡଃ ଖୁଂଟିଆ, ଭବିଷ୍ୟନିଧି କମିଶନର-୧ ପି.ବି. ବର୍ମା, ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ତଥା ଜଳସେଚନ ବିଭାଗର ଅତିରକ୍ତ ଶାସନ ସଚୀବ ସୁଧାଂସୁ ମୋହନ ସାମଲ, ମୁଖ୍ୟ ଡେପୁଟି ଆକାଂଉଟସ୍ ଅଫିସର ଅଜୟ କୁମାର ନାୟକ ଓ ଆଶୁତୋଷ ଦତ ଙ୍କ ସମେତ କର୍ମଚାରୀ ଫେଡ଼େରେସନର ସାଧାରଣ ସମ୍ପାଦକ - ଗୌରାଙ୍ଗ ପାଣିଗ୍ରାହି, ଉପସଭାପତି- ରଘୁନାଥ ମାଝିଁ, ବସନ୍ତ ଦାଶ, କୁଞ୍ଜବିହାରି ନାୟକ, ସହ ସମ୍ପାଦକ ନିରଞ୍ଜନ ପଣ୍ଡା ଓ ମାୟାଧର ନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଓଡ଼ିଶା ଆର୍ଥ୍ରାଇଟିସ ଆଣ୍ଡ ରୀଉମାଟୋଲୋଜି ଫାଉଣ୍ଡେସନ ଟ୍ରଷ୍ଟ (ଓ.ଏ.ଆର.ଏଫ.ଟି) ଆନୁକୂଲ୍ୟରେ "ଜାତୀୟ ଅସ୍ଥି ଏବଂ ଗଣ୍ଠି ଦିବସ " ପାଳିତ

ଭୁବନେଶ୍ୱର,(ପି.ଏନ): ଅସ୍ଥି ଆମ ଶରୀରକୁ ଆକାର ଏବଂ ଗଠନ ପ୍ରଦାନ କରିଥାଏ, ଏବଂ ଗଣ୍ଠିଗୁଡ଼ିକ ଗତି ଓ ନମନୀୟତାକୁ ସହଜ କରିଥାଏ । ବୟସ କିମ୍ବା କିଛି ଚିକିତ୍ସା ଅବସ୍ଥା ହେତୁ, ଅସ୍ଥି ଏବଂ ଗଣ୍ଠି ସମସ୍ୟା ଉପୁଜିପାରେ-ଯାହା ଅସ୍ୱାଭାବିକତା, ସୀମିତ ଗତିଶୀଳତା ଏବଂ ଅଷ୍ଟିଓଆର୍ଥ୍ରାଇଟିସ୍, ରିମାଟଏଡ୍ ଆର୍ଥ୍ରାଇଟିସ୍, ଓ ଅଷ୍ଟିଓପୋରୋସିସ୍ ଭଳି ଗୁରୁତର ଅବସ୍ଥା ସୃଷ୍ଟି କରିଥାଏ ।ପ୍ରତିବର୍ଷ ଅଗଷ୍ଟ ମାସ ୪ ତାରୀଖ ରେ ହାଡ ଓ ଗଣ୍ଠି ବାତ ଜନିତ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଭାରତରେ "ଜାତୀୟ ଅସ୍ଥି ଏବଂ ଗଣ୍ଠି ଦିବସ " ପାଳନ କରାଯାଏ। ଏହି ଦେଶବ୍ୟାପୀ ସ୍ୱାସ୍ଥ୍ୟ ଅଭିଯାନ ୨୦୧୨ ମସିହାରେ ଭାରତ ବର୍ଷ ରେ ଆରମ୍ଭ ହୋଇଥିଲା ଯାହା ସମସ୍ତ ବୟସ ବର୍ଗର ଲୋକଙ୍କ ମଧ୍ୟରେ ଦୃଢ ହାଡ ଏବଂ ଗଣ୍ଠିର ମହତ୍ତ୍ୱ ଦର୍ଶାଇଥାଏ । ହାଡ ଏବଂ ଗଣ୍ଠି କାର୍ଯ୍ୟ ପାଇଁ ଉତ୍ସର୍ଗୀକୃତ ଏହି ଦିବସ ହାଡ ଏବଂ ଗଣ୍ଠି ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କୁ ଆନୁଷଙ୍ଗିକ ଅବସ୍ଥାର ନିରାକରଣ, ଚିକିତ୍ସା ଏବଂ ପରିଚାଳନା ବିଷୟରେ ଶିକ୍ଷା ଦେବା କୁ ଲକ୍ଷ୍ୟ ରଖିଛି । ଏହି ଦିବସ ରେ ବିଭିନ୍ନ କାର୍ଯ୍ୟକଳାପ ଯେପରିକି କର୍ମଶାଳା, ସେମିନାର, ସ୍ୱାସ୍ଥ୍ୟ ସ୍କ୍ରିନିଂ, ଶାରୀରିକ ସୁସ୍ଥତା କାର୍ଯ୍ୟକ୍ରମ, ଆଦି ଆୟୋଜନ କରାଯାଏ । ଏହି ଅବସରରେ ଓଡିଶା ଆର୍ଥ୍ରାଇଟିସ ଆଣ୍ଡ ରୀଉମାଟୋଲୋଜି ଫାଉଣ୍ଡେସନ ଟ୍ରଷ୍ଟ (ଓ ,ଏ,ଆର,ଏଫ,ଟି) ଓ ଓଡିଶା ଆର୍ଥ୍ରାଇଟିସ ଆଣ୍ଡ ରୀଉମାଟୋଲୋଜି ସେଣ୍ଟର (ଓ, ଏ, ଆର, ସି,) ଆନୁକୂଲ୍ୟ ରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ହାଡ ଏବଂ ଗଣ୍ଠି ସ୍ୱାସ୍ଥ୍ୟ ପାଇଁ ଉପଯୁକ୍ତ ଅଭ୍ୟାସ, ବ୍ୟାୟାମ ଏବଂ ଉପଯୁକ୍ତ ପୁଷ୍ଟିକର ଖାଦ୍ୟକୁ ଖାଇ ରୋଗ ର ଉପଶମ ପାଇଁ ଚେଷ୍ଟା କରିବାକୁ ଅନୁଷ୍ଠାନ ର ବରିଷ୍ଠ ଡାକ୍ତର ପ୍ରଫେସର ଡଃ . ଜ୍ୟୋତି ରଞ୍ଜନ ପରିଡା ତାଙ୍କ ଅଭିଭାଷଣ ମାଧ୍ୟମ ରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ରାୟ ୫୦ ରୁ ୬୦ ଜଣ ଗଣ୍ଠି ବାତ ରୋଗୀ ଉପସ୍ଥିତ ରହିଥିଲେ । ଏଥିରେ ଓଡିଶା ଆର୍ଥ୍ରାଇଟିସ ଆଣ୍ଡ ରୀଉମାଟୋଲୋଜି ସେଣ୍ଟର ର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସୁପରିଚାଳନା କରିଥିଲେ ।ଭୁବନେଶ୍ୱର ସହୀଦ ନଗର ଠାରେ ଥିବା , ଓଡିଶା ଆର୍ଥ୍ରାଇଟିସ ଆଣ୍ଡ ରୀଉମାଟୋଲୋଜି ସେଣ୍ଟର (ଓ, ଏ, ଆର, ସି,) ଆର୍ଥ୍ରାଇଟିସ ଚିକିତ୍ସା ପାଇଁ ଏକ ଅଗ୍ରଣୀ କେନ୍ଦ୍ର ଯାହା ଅଟୋ ଇମ୍ୟୁନ ରେ ପୀଡିତ ଲୋକ ମାନଙ୍କୁ ଉନ୍ନତ ରୀଉମାଟୋଲୋଜି ଚିକିତ୍ସା ପ୍ରଦାନ କରିଥାଏ ।



# ଭେଗାନ ୟୁଥ୍ କ୍ଲାଇମେଟ୍ କନ୍‌ଫରେନ୍ସ: ଏକ ସବୁଜ ଭବିଷ୍ୟତ ପାଇଁ ଏକତ୍ରିତ କରିଛି

ଭୁବନେଶ୍ୱର,(ପି.ଏନ): ଆମେ ଓଡିଶାର ପ୍ରଥମ ଭେଗାନ୍ ୟୁଥ୍ କ୍ଲାଇମେଟ୍ କନ୍‌ଫରେନ୍ସ, ଓଡିଶା କନ୍‌ଫରେନ୍ସ ଅଫ୍ ୟୁଥ୍ (ଓସିଓୱାଇ)ର ଘୋଷଣା କରି ଉତ୍ସାହିତ ଅଛୁ, ଏହା ହେଉଛି ଏକ ପରିବର୍ତ୍ତନଶୀଳ କାର୍ଯ୍ୟକ୍ରମ ଯାହା ଯୁବପିଢିଙ୍କୁ ଭେଗାନିଜିମ୍ ଓ ସ୍ଥାୟୀ ଜୀବନ ବଂଚିବାର ପରିଦୃଶ୍ୟ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନକୁ ସମ୍ବୋଧିତ କରିବା ପାଇଁ ଯୁବପିଢିଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି । ୟୁଥ୍ ?୪ୱାଟର ପ୍ଲସ୍ ଓ ଆନିମଲ କ୍ଲାଇମେଟ୍ ଏବଂ ହେଲ୍ ?ଥ ସେଭ୍ ଫାଉଣେନ, ପ୍ଲାଂଟ୍ ବେସ୍‌ଡ ଟ୍ରିଟି ସମେତ ଅନ୍ୟାନ୍ୟ ସହଯୋଗୀ ଯେପରିକି ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍‌ଆସିସି), ୱାଇ୨୦, ଜି୨୦, ୟୁନିସେଫ୍, ୟୁଏନ୍ ଇଆ, ଆନିମଲ ସେଭ୍ ଇଆ, ଫୋର୍ସ, ସାତ୍ୱିକ ସୋଲ୍ ଫାଉଣେନ, ୟୁଥ୍ ଫର୍ ସଷ୍ଟେନେବିଲିଟି, ପିଏଏନ୍‌ଟିଆଇଏସ୍‌ଏସ୍, କ୍ଲାଇମେଟ୍‌ଆକ୍ଟ, ଆଇଏଫ୍‌ଆଇ, ଓଡିଶା ଲାଇଭ୍, ଆସ୍‌ଜା, ଅନ୍ତରଙ୍ଗ ଓ ବିପିଇ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀ ଏଆଇସି-ଏନ୍ ?ଆଇଟିଏଫ୍ ଭୁବନେଶ୍ୱରରେ ଆସନ୍ତା ଅଗଷ୍ଟ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ଏବଂ ଏହା ଏହି ପରିବର୍ତନଶୀଳ ସମାବେଶରେ ଯୋଗ ଦେବା ପାଇଁ ସମସ୍ତ ବର୍ଗର ଯୁବପିଢିଙ୍କୁ ଆମନ୍ତ୍ରିତ କରିଛି ।ଭେଗାନ ୟୁଥ୍ କ୍ଲାଇମେଟ୍ କନ୍‌ଫରେନ୍ସ ଏକ ସ୍ୱତନ୍ତ୍ର ପ୍ଲାଟ୍‌ଫର୍ମ ସୃଷ୍ଟି କରିବାକୁ ଚାହୁଁଛି ଯେଉଁଠାରେ ଯୁବପିଢି ଭେଗାନିଜିମ୍ ଓ କ୍ଲାଇମେଟ୍ ଆକ୍ସନ ମଧ୍ୟରେ ଶକ୍ତିଶାଳୀ ସଂଯୋଗକୁ ଆବିଷ୍କାର କରିପାରିବେ । ଏକ ପ୍ଲାଂଟ୍-ବେସ୍‌ଡ ବା ଉଦ୍ଭିଦ-ଭିତିକ ଜୀବନଶୈଳୀକୁ ଆପଣାଇ ଅଂଶଗ୍ରହଣକାରୀମାନେ କିଭଳି ସେମାନଙ୍କର ଆହାର ବା ଖାଦ୍ୟ ପସନ୍ଦ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା, ଜୈବବିବିଧତାକୁ ସଂରକ୍ଷିତ ରଖିବା ଓ ଭବିଷ୍ୟତ ପିଢି ପାଇଁ ପୃଥିବୀକୁ ସୁରକ୍ଷିତ ରଖିବାରେ ଯୋଗଦାନ ଦେଇପାରିବ ତାହା ଜାଣିବାକୁ ପାଇବେ ।ଭେଗାନ ୟୁଥ୍ କ୍ଲାଇମେଟ୍ କନ୍‌ଫରେନ୍ସର ପ୍ରମୁଖ ହାଇଲାଇଟ୍‌ଗୁଡିକ ମଧ୍ୟରେ ସାମିଲ ରହିଛି: କ୍ଲାଇମେଟ୍-ଭେଗାନ ସଂଯୋଜିତ ଗୋଷ୍ଠୀ ଉପରେ ବିଶେଷଜ୍ଞଙ୍କ ତଥ୍ୟ: ପରିବେଶ ବିଜ୍ଞାନ, ଜଳବାୟୁ ସକ୍ରିୟତା ଓ ସ୍ଥାୟୀ କୃଷି କ୍ଷେତ୍ରର ପ୍ରତିଷ୍ଠିତ ବକ୍ତାମାନେ ପଶୁପାଳନର ପରିବେଶୀୟ ପ୍ରଭାବ ଏବଂ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ କରିବା କ୍ଷେତ୍ରରେ ଭେଗାନିଜିମ୍‌ର ଭୂମିକା ଉପରେ ପ୍ରମାଣ-ଆଧାରିତ ଅନୁସନ୍ଧାନ ଓ ତଥ୍ୟ ଉପସ୍ଥାପନ କରିବେ ।ପ୍ୟାନେଲ ଆଲୋଚନା ଓ କର୍ମଶାଳା: ନିୟୋଜିତ ପ୍ୟାନେଲ ଆଲୋଚନା ଜଳବାୟୁ ପରିବର୍ତନ, ଜୈବବିବିଧତାର କ୍ଷତି ଓ ପଶୁ କଲ୍ୟାଣର ସଂଯୋଗ ଉପରେ ଗୁରୁତ୍ୱ ଦେବେ କର୍ମଶାଳାଗୁଡିକ ଏକ ଭେଗାନ୍ ଜୀବନଶୈଳୀ ଆପଣାଇବା, ବର୍ଜ୍ୟବସ୍ତୁ ହ୍ରାସ କରିବା ଓ ପରିବେଶ-ସଚେତନ ନିଷ୍ପତି ନେବା ଉପରେ ପରାମର୍ଶ ଓ ସୂଚନା ପ୍ରଦାନ କରିବ ।ଯୁବ-ନେତୃତ୍ୱାଧୀନ ଜଳବାୟୁ ଅଭିଯାନ: ଏହି ସମ୍ମିଳନୀ ପ୍ରେରଣାଦାୟକ ଯୁବ-ନେତୃତ୍ୱାଧୀନ ଅଭିଯାନଗୁଡିକୁ ପ୍ରଦର୍ଶିତ କରିବ ଯାହା ଜଳବାୟୁ ପରିବର୍ତନ ବିରୋଧରେ ଲଢିବା କ୍ଷେତ୍ରରେ ଏକ ଭିନ୍ନତା ସୃଷ୍ଟି କରୁଛି । ଯୁବ ଜଳବାୟୁ କାର୍ଯ୍ୟକର୍ତା, ପକ୍ଷ ଉପସ୍ଥାପନକାରୀ ଓ ଉଦ୍ୟୋଗୀମାନେ ସାର୍ଥକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଜର କାହାଣୀ, ଆହ୍ୱାନ ଓ ସଫଳତାକୁ ସେୟାର କରିବା ସହିତ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବେ ।ରୋଷେଇ ପ୍ରଦର୍ଶନୀ ଓ କର୍ମଶାଳା: ଅଂଶଗ୍ରହଣକାରୀଙ୍କ ନିକଟରେ ରୋଷେଇ ପ୍ରଦର୍ଶନ ଓ କର୍ମଶାଳାରେ ଯୋଗ ଦେବାର ସୁଯୋଗ ରହିବ, ଯେଉଁଠାରେ ଅଭିଜ୍ଞ ଭେଗାନ୍ ସେଫ୍‌ମାନେ ସ୍ୱାଦିଷ୍ଟ ଉଦ୍ଭିଦ-ଆଧାରିତ ରୋଷେଇଗୁଡିକୁ ପ୍ରଦର୍ଶିତ କରିବେ, ପ୍ରାକ୍ଟିକାଲ କୁକିଂ ଟିପ୍ ପ୍ରଦାନ କରିବେ ଏବଂ ଭେଗାନ କୁଜିନ୍ ?କୁ ନେଇ ରହିଥିବା ଭୂଲଧାରଣାକୁ ଦୂର କରିବେ । ଏହି ସେଶନଗୁଡିକ ଯୁବପିଢିଙ୍କୁ ସହଜରେ ଏକ ଭେଗାନ ଜୀବନଶୈଳୀକୁ ଗ୍ରହଣ କରିବା ଓ ଉପଭୋଗ କରିବା ପାଇଁ ସଶକ୍ତ କରିବ ।ନେଟ୍‌ୱର୍କିଂ ଓ ସହଭାଗିତା ସୁଯୋଗ: ଭେଗାନ୍ ୟୁଥ୍ କ୍ଲାଇମେଟ୍ କନ୍ ?ଫରେନ୍ସ ଯୁବପିଢିଙ୍କ ମଧ୍ୟରେ ସଂଯୋଗ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି ଯେଉଁମାନେ ଜଳବାୟୁ କାର୍ଯ୍ୟ ଓ ସ୍ଥିରତା ସମ୍ପର୍କରେ ଆଗ୍ରହୀ ଅଟନ୍ତି । ଅଂଶଗ୍ରହଣକାରୀଙ୍କ ନିକଟରେ ସମାନ ଚିନ୍ତାଧାରା ବିଶିଷ୍ଟ ବ୍ୟକ୍ତିଙ୍କ ସହ ନେଟ୍‌ୱର୍କ ବା ସଂଯୋଗ ସ୍ଥାପନ କରିବା, ବିଚାରଧାରାର ଆଦାନପ୍ରଦାନ କରିବା ଓ ଭବିଷ୍ୟତର ସହଭାଗୀ ପ୍ରକଳ୍ପଗୁଡିକ ପାଇଁ ସହଭାଗିତା କରିବା ପାଇଁ ସୁଯୋଗ ରହିବ । ଓଡିଶାର ପ୍ରଥମ ୟୁଥ୍ କ୍ଲାଇମେଟ୍ କନ୍‌ଫରେନ୍ସର ଆୟୋଜନ କରି ୟୁଥ୍୪ୱାଟର୍ ପ୍ଲସ୍ ରାଜ୍ୟର ଯୁବପିଢିଙ୍କୁ ଜଳବାୟୁ ପରିବର୍ତନ ବିରୋଧୀ ଲଢେଇରେ ପରିବର୍ତନର ସକ୍ରିୟ ଆବାହକ ହେବା ପାଇଁ ପ୍ରେରିତ ଓ ସଶକ୍ତ କରିବ । ସୂଚିତ ନିଷ୍ପତି ନେଇ ଓ ଏକ ଭେଗାନ ଜୀବନଶୈଳୀ ଆପଣାଇ ଆମେ ଓଡିଶା ଓ ପୃଥିବୀ ପାଇଁ ସାମଗ୍ରିକ ଭାବେ ଏକ ଅଧିକ ସ୍ଥାୟୀ ଓ ସହାନୁଭୂତିଶୀଳ ଭବିଷ୍ୟତ ଗଠନ କରିପାରିବା । ଆମେ ଜଳବାୟୁ ପରିବର୍ତନ ଓ ଭେଗାନିଜିମ୍ ପ୍ରସଙ୍ଗରେ ଶିଖିବା, ସଂଯୋଜିତ ହେବା ଓ ପଦକ୍ଷେପ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା ସମସ୍ତ ଯୁପିଢିଙ୍କୁ ଭେଗାନ୍ ୟୁଥ୍ କ୍ଲାଇମେଟ୍ କନ୍‌ଫରେନ୍ସରେ ଆମ ସହ ଯୋଗ ଦେବା ପାଇଁ ଆମନ୍ତ୍ରିତ କରୁଛୁ । ମିଳିତ ଭାବେ ଆସନ୍ତୁ ଏକ ସବୁଜ ଓ ଅଧିକ ସହାନୁଭୂତିଶୀଳ ବିଶ୍ୱ ପାଇଁ ମାର୍ଗ ପ୍ରଶସ୍ତ କରିବା । ଜଳବାୟୁ ପରିବର୍ତନର ସମାଧାନ ପାଇଁ ପ୍ରତିବଦ୍ଧ ଥିବା ଇଚ୍ଛୁକ ବ୍ୟକ୍ତି, ସଂଗଠନ ଓ ହିତାଧିକାରୀମାନଙ୍କୁ ଆମେ କ୍ଲାଇମେଟ୍ ଆକ୍ସନ ଉପରେ ଏହି ସମ୍ମିଳନୀରେ ଆମ ସହ ଯୋଗ ଦେବା ପାଇଁ ଆମନ୍ତ୍ରିତ କରୁଛୁ । ମିଳିତ ଭାବେ ଆସନ୍ତୁ ବର୍ତମାନ ଓ ଭବିଷ୍ୟତର ପିଢି ପାଇଁ ଏକ ସ୍ଥାୟୀ ଭବିଷ୍ୟତ ଗଠନ କରିବା ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray